ନିର୍ଭୀକ ଆମ
R.N.I. REGD. NO: ORORI/25/A2124

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

●Vol -1 ●Issue - 4 ●February 01 - 15, 2026 ●Bhubaneswar ●Rs. 5 ●Pages - 08 ●Fortnightly

●ଭାଗ-୧ ●ସଂଖ୍ୟା-୪ ● ଫେବୃଆରୀ ୦୧ - ୧୫, ୨୦୨୬ ●ଭୁବନେଶ୍ୱର ●ମୂଲ୍ୟ ୫.୦୦ ଟଙ୍କା ●ପୃଷ୍ଠା ସଂଖ୍ୟା -୦୮ ●ପାକ୍ଷିକ

## ଟୋକନ୍ ଥାଇ ଉଠୁନି ଧାନ, ଚାଷୀ ନିରାଶ

ନବରଙ୍ଗପୁର: ଯେଉଁ ପରିମାଣର ଜମିରେ ଚାଷ କରି ଧାନ ଉତ୍ପାଦିତ ହୋଇଛି ସେ ଅନୁଯାୟୀ ଟୋକନ୍ ଆସୁ ନାହିଁ। ଟୋକନ୍ ଆସିବାର ୨ମାସ ପରେ ଧାନ ଉଠୁଛି। ଏହାରି ମଧ୍ୟରେ ଧାର୍ଯ୍ୟମଣ୍ଡି ଠାରୁ ୩ଟି ମଣ୍ଡି ସରିବା ପରେ ଶେଷ ଅର୍ଥାତ ୪ର୍ଥ ମଣ୍ଡିରେ ଧାନ ଉଠୁଛି। ସେ ସମୟରେ ଚାଷୀମାନଙ୍କ ବିଭିନ୍ନ ଚାପ ଯୋଗୁଁ ଅସହାୟ ଅବସ୍ଥାରେ କଟନି ଛଟନି ସହ କ୍ରୟକାରୀ ସଂସ୍ଥା ଓ ମିଲର୍ସଙ୍କ ବିଭିନ୍ନ ଦାବିକୁ ମୁଣ୍ଡଚାପି ମାନୁଛି। ନ ମାନିଲେ ଧାନ ନଉଠିଲେ ଧାର ଉଧାର କିଭଳି ସୁଝିବ ଚିନ୍ତାରେ ଚାଷୀ ବୋଲି କହିଛନ୍ତି ଚାଷୀ ଦ୍ୱାରିକା ମହାପାତ୍ର, ଶ୍ରୀହରି ଦାଶ, ରାମଚନ୍ଦ୍ର ଭତ୍ରା। ଏହି ସ୍ଥିତିରେ ବାଧ୍ୟ ହୋଇ ମଣ୍ଡିରେ ଧାନ ଓହ୍ଲାଇବା ବଦଳରେ ମିଲର୍ସଙ୍କ ମିଲକୁ ଧାନ ନେଉଛନ୍ତି। ମିଲରେ ଓହ୍ଲାଇ ରଖିବାକୁ ଦୁଇରୁ ତିନି ଦିନ ଅପେକ୍ଷା କରିବାକୁ ପଡୁଛି ବୋଲି କହିଛନ୍ତି ଚାଷୀ।

ଜିଲ୍ଲାପ୍ରଶାସନ, ଜିଲ୍ଲାଯୋଗାଣବିଭାଗସବୁମଣ୍ଡିସ୍ୱାଭାବିକ ଭାବେ ଚାଲିଛି ବୋଲି କହୁଥିବା ବେଳେ ଆଜି ବି ମଣ୍ଡିରେ ଧାନ ଜମା ହୋଇ ରହିଛି। କଟନି ଛଟନି ଜାରି ରହିଛି। ଜିଲ୍ଲାରେ ଦୁଇ ପର୍ଯ୍ୟାୟରେ ୨୦ଲକ୍ଷ ୮୮ହଜାର କ୍ୱିଣ୍ଟାଲ ଧାନ କିଣାଯିବ। ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ବିଭିନ୍ନ ପର୍ଯ୍ୟାୟ ଯାଂଚ ପରେ କଟି ୫୦୬,୬୯ଜଣ ବିକ୍ରୀ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ଏପର୍ଯ୍ୟନ୍ତ ୫୯,୩୩୦ ଟୋକନ୍ ଚାଷୀଙ୍କୁ ମିଳିଛି। ମିଲର୍ସଙ୍କୁ ୧୮ଲକ୍ଷ ୩୧ହଜାର ୩୭୫କୁଇଣ୍ଟାଲ ଧାନ ଉଠାଇବାକୁ ମାସ୍ ଓ ସାସ୍ ଦିଆସରିଛି। ବର୍ତ୍ତମାନ ସୁଦ୍ଧା ୫୮ଟି ମଣ୍ଡିରେ ୧୫ଲକ୍ଷ ୮୧ ହଜାର୨୪୯ କୁଇଣ୍ଟାଲ ଧାନ ୩୧,୮୦୬ଜଣ ଚାଷୀଙ୍କ ଠାରୁ ଧାନ କିଣାଯାଇଛି ବୋଲି କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି। ବିଭିନ୍ନ ମଣ୍ଡିରୁ କିଣାଯାଇଥିବା ଧାନରୁ ୧୪ଲକ୍ଷ ୩୫ହଜାର ୩୬୩କୁଇଣ୍ଟାଲ ଉଠିଥିବା ବେଳେ ବଳକା ୧ଲକ୍ଷ୪୫ହଜାର ୮୮୬ କ୍ୱିଣ୍ଟାଲ ଧାନ ଉଠିପାରନି ବୋଲି ଜିଲ୍ଲା ଯୋଗାଣ ଅଧିକାରୀ କହିଛନ୍ତି। ଗାଡ଼ି ଅଭାବରୁ ଏହି ଧାନ ଉଠିପାରି ନଥିବା କହିଛନ୍ତି ଜିଲ୍ଲା ମିଲର୍ସ ଆସୋସିଏସନ୍ ସଂଘର ସଭାପତି କାହ୍ନୁ ଦାଶ। ମିଲର୍ସମାନେ ୧୩ଲକ୍ଷ ୪୭ହଜାର ୨୭କ୍ୱିଣ୍ଟାଲ ଧାନ ଗ୍ରହଣ କରିବା ସହ ମାସ୍ ଓ ସାସ୍ ମିଳିବା ସହ ସରକାରୀ ଭାବେ ଅନୁମୋଦନ ହୋଇସାରିଛି। ୨୪ହଜାର ୨୩୭ଜଣ ଚାଷୀଙ୍କୁ ଏହାରି ମଧ୍ୟରେ ୨୭୦.୧୧କୋଟି ଟଙ୍କା ଦିଆସରିଛି।

୨୦୨୫-୨୬ ଖରିଫ ମଣ୍ଡିର କଷ୍ଟମ ମିଲିଂ ପାଇଁ ଧାନ ଉଠାଇବାକୁ ଜିଲ୍ଲାର ୮୨ ମିଲର୍ସ ମଧ୍ୟରୁ ଧିରେ ଧିରେ ବୃଦ୍ଧି ପାଇଁ ଏବେ ୮୦ଜଣ ଯୋଗ୍ୟ ହୋଇଥିବା ବେଳେ ୭୯ଜଣ ଧାନ ଉଠାଉଛନ୍ତି।୨୦୨୪-୨୫ ଖରିଫ ମଣ୍ଡିର ୨ଲକ୍ଷ ୩୬ହଜାର ୭୮୧କ୍ୱିଣ୍ଟାଲ ଚାଉଳ ମିଲର୍ସ ଦେବାକୁ ବାକି ରହିଛନ୍ତି। ସବୁ ମଣ୍ଡିରେ ଅନୁସଙ୍ଗିକ ସୁବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ଆରଏମସି ସମ୍ପାଦକ କପିଳେନ୍ଦ୍ର ସାସମଲ। ମଣ୍ଡି ସ୍ୱାଭାବିକ ହୋଇସାରିଛି, ଯେଉଁଠି ସାମାନ୍ୟ ସମସ୍ୟା ଉପୁଜୁଛି ତାହାର ସୁସମାଧାନ କରି ତୁରନ୍ତ ଧାନ ଉଠାଇବାର ବ୍ୟବସ୍ଥା କରିବାକୁ କୁହାଯାଇଛି ବୋଲି କହିଛନ୍ତି ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ। ନିୟମିତ ଭାବେ ସବୁଦିନ ମଣ୍ଡି ଗୁଡିକର ଟିକନିଖି ସୂଚନାକୁ ନେଇ ସମୀକ୍ଷା କରାଯାଉଛି ବୋଲି କହିଛନ୍ତି ଜିଲ୍ଲାପାଳ।

## ଧାନ ସଂଗ୍ରହ ନେଇ ମିଲରଙ୍କ ସହିତ କଥା ହେଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର: ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ନେଇ ମିଲରମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ସଂପର୍କରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଏକ ବୈଠକରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରିଛନ୍ତି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିଃ.ର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଉପସ୍ଥିତିରେ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘର ସଭାପତି, ସଂପାଦକ ଓ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନା କରିଥିଲେ। ରାଜ୍ୟରେ ସରକାରୀ ବ୍ୟବସ୍ଥାରେ ଧାନ ସଂଗ୍ରହ, ଧାନରୁ ଚାଉଳ ପ୍ରସ୍ତୁତି ପରେ ସରକାରଙ୍କୁ ଚୁକ୍ତିଭିତ୍ତିକ ଚାଉଳ ଯୋଗାଣ ଏବଂ ରାଜ୍ୟ ସରକାରଙ୍କ ଠାରୁ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଚାଉଳ ସଂଗ୍ରହ କରିବା ଆଦି ସବିଶେଷ ପ୍ରକ୍ରିୟାରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ସେସବୁର ସମାଧାନ ଦିଗରେ ସଂଘର କର୍ମକର୍ତ୍ତାମାନେ ମୁଖ୍ୟ ଶାସନ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖରିଫ୍ ମାର୍କେଟିଂ ଋତୁ ୨୦୨୪-୨୫ରେ ସଂଗୃହିତ ଧାନ ଅନୁସାରେ ସେସବୁର କଷ୍ଟମ ମିଲିଂ ଓ ଚାଉଳ ଯୋଗାଣ ସଂପର୍କରେ ଆଲୋଚନା ହୋଇଥିଲା। ୨୦୨୫-୨୬ ମାର୍କେଟିଂ ଋତୁ ଆରମ୍ଭ ହୋଇସାରିଥିଲେ ମଧ୍ୟ ୨୦୨୪-୨୫ ମାର୍କେଟିଂ ଋତୁର ଚିକ୍ତିଭିତ୍ତିକ ମିଲିଂ ଚାଉଳ ପ୍ରାୟ ଦଶ ପ୍ରତିଶତ ବାକି ରହିଛି ଓ ଏହାର ଯୋଗାଣ ଜାରି ରହିଛି। ସଂଗୃହୀତ ନୂଆ ଧାନ ସଂଗ୍ରହ, ଦୀର୍ଘ ସମୟ ଧରି ମିଲରେ କଷ୍ଟମ ମିଲ୍ଡ ଚାଉଳ ଓ ନୂଆ




ଧାନ ରଖିବା ପାଇଁ ସ୍ଥାନ ଓ ଧାନ ସଂରକ୍ଷଣ ଜନିତ ସମସ୍ୟା ରହୁଛି। ରାଜ୍ୟ ଖାଦ୍ୟ ଓ ଯୋଗାଣ ନିଗମ ସହାୟତାରେ ମିଲର୍ସମାନଙ୍କ ଦ୍ୱାରା ନିଜ ନିଜ ପରିସରରେ ଧାନ ସଂଗ୍ରହ ପାଇଁ ଅତିରିକ୍ତ ସୁବିଧା କରାଯାଇଥିଲେ ହେଁ, ଧାର୍ଯ୍ୟ ମାସରୁ ଅଧିକ ସମୟ ଧରି ସେସବୁକୁ ରଖିବାକୁ ପଡୁଥିବାରୁ ଏଥିପାଇଁ ଅଧିକ ଭଡ଼ା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ସମସ୍ୟା ରହୁଥିବାରୁ ସେ ସଂପର୍କରେ ମିଲର୍ସ ଆସୋସିଏସନ ତରଫରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆହୁରି ମଧ୍ୟ ମିଲରମାନେ ଧାନ ସଂଗ୍ରହ ଓ ଚାଉଳ ପରିବହନ ବାବଦକୁ ପାଉଥିବା ଆର୍ଥିକ ସହାୟତା ଖର୍ଚ୍ଚରେ ବୃଦ୍ଧି କରିବା ନେଇ ଅନୁରୋଧ କରିଥିଲେ। ଦୀର୍ଘ ଦିନ ଧରି ଧାନ ଓ ଚାଉଳ ସଂରକ୍ଷଣ ରଖିବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟରେ ମୁଖ୍ୟମନ୍ତ୍ରୀ କୃଷି ଓ ଉଦ୍ୟୋଗ ଯୋଜନାରେ ବଡ଼ ବଡ଼ ଧାନ ସଂରକ୍ଷଣ କେନ୍ଦ୍ର ବ୍ୟବସ୍ଥା କରିବା ପାଇଁ ସଂଘ ତରଫରୁ ପ୍ରସ୍ତାବ ଦିଆଯାଇଛି। ମୁଖ୍ୟ ଶାସନ ସଚିବ ଗର୍ଗ ନିଖିଳ ଓଡ଼ିଶା ରାଇସ୍ ମିଲର୍ସ ସଂଘ ଠାରୁ ମିଲରମାନଙ୍କ ସମସ୍ୟା ସଂପର୍କରେ ଶୁଣିଥିଲେ। ସବୁ ସମସ୍ୟାଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରାଯାଇ ସେସବୁର ସମାଧାନ ପାଇଁ ପଦକ୍ଷେପ ନେବାକୁ ସେ ପ୍ରତିଶୃତି ଦେଇଛନ୍ତି। ଅନ୍ୟପକ୍ଷରେ ମିଲର୍ସ ଆସୋସିଏସନ୍ ପକ୍ଷରୁ କୁହାଯାଇଛି ଯେ, ଧାନ ସଂଗ୍ରହ, ଚୁକ୍ତିଭିତ୍ତିକ କଷ୍ଟମ ମିଲ୍ଡ ଚାଉଳ ପ୍ରଦାନ କରିବା ଏକ ନିରନ୍ତର ପ୍ରକ୍ରିୟା। ଏଥିରେ ମିଲର୍ସମାନଙ୍କର ସହଯୋଗ ରହିଛି। ମିଲର୍ସମାନେ ଦୀର୍ଘ ଦିନରୁ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସେମାନେ ଅନୁରୋଧ କରିଥିଲେ।

## ୫୦ଟନ୍ କୋଷାଗୁମୁଡ଼ା ହଳଦୀ କିଣିବ ଓରମାସ

ନବରଙ୍ଗପୁର: ପୁରୁଣା କୋରାପୁଟର ମାଳଭୂମିରେ ଥିବା ନବରଙ୍ଗପୁର ଜିଲ୍ଲାରୁ ଉତ୍ପାଦିନ ହଳଦୀକୁ ବଜାର ଯୋଗାଇବାକୁ ଆସିଛି ଓରମାସ। ଓରମାସ ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକରୁ ଉତ୍ପାଦିତ ୫୦ଟନ ହଳଦି କିଣିବ। ଦେଶ ଓ ବିଦେଶ ବଜାରରେ ବିକ୍ରି କରିବ। ଏ ନେଇ ଏକ ତାଲିମ ଶିବିର କୋରାପୁଟଜିଲ୍ଲାର ପଟାଙ୍ଗୀ ଠାରେ ଥିବା ହାଇ ଏଟିଚ୍ୟୁଡ୍ ରିସର୍ଚ୍ଚ ଷ୍ଟେସନ (ଏଚଏଆରଏସ)ପକ୍ଷରୁ ଓରମାସ ସହଯୋଗରେ କୋଷାଗୁମୁଡାର ରାଜଡୋ ଠାରେ ଅନୁଷ୍ଠିତ ହୋଇଯାଇଛି। ହାର୍ସ ଅନୁଷ୍ଠାନର ନିର୍ଦ୍ଦେଶକ ଓ ଆରଆରଟିଏସର ସେମିଳିଗୁଡାର ଏଡିଆର୍ ଡ.ପର୍ଶୁରାମ ସିଆଲ୍, ଉମରକୋଟ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ. ଶଶାଙ୍କ, ଓରମାସର ଡେପୁଟି ସିଇଓ ରୋଶନ କୁମାର କାର୍ତ୍ତିକ, ବିଜିନେସ୍ ମ୍ୟାନଜର ସିଏଚ୍ ରମେଶ ରାଓ, ଏଫପିଓ ଏକଜିକ୍ୟୁଟିଭ୍ ସେଲସ୍ ବିଶ୍ୱରଂଜନ ନାଗ, ଅବସରପ୍ରାପ୍ତ କୃଷି ଅଧିକାରୀ ଅଶୋକ ପଟ୍ଟନାୟକ ଏହି ତାଲିମ ଶିବିରରେ ଯୋଗ ଦେଇଥିଲେ। ଉତ୍ପାଦିତ ହଳଦୀକୁ ବୋଇଲରରେ ସିଝାଇ ପରେ ସୁଖାଇବା ପ୍ରକ୍ରିୟା ସହ ବିଭିନ୍ନ ଗରମମସାଲ ଆଦି କିଭଳି ଉତ୍ପାଦିତ କରିବେ ସେ ସମ୍ପର୍କରେ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଚାଷୀଙ୍କୁ ନେଇ ଗଠିତ ଫାର୍ମସ୍ ପ୍ରଡ୍ୟୁସର କମ୍ପାନୀକୁ ହାର୍ସ ପକ୍ଷରୁ ୫ଲକ୍ଷର ବୋୟଲର ଯୋଗାଇ ଦିଆଯିବ।



# ରାଜ୍ୟ ଖବର



# କୁସୁମା ପୋଖରୀରୁ କୋଟିଏ ଟଙ୍କାର ମାଛ ଗାଏବ !

ଯାଜପୁର: ଯାଜପୁର ସହରର ଅନ୍ୟତମ ଆକର୍ଷଣ କୁସୁମା ପୋଖରୀକୁ ବିବାଦ ପିଛା ଛାଡୁନି। ପ୍ରକଳ୍ପରୁ କୋଟିକୋଟି ଟଙ୍କା ଚଲୁ କରାଯାଇଥିବାର ଅଭିଯୋଗ ପରେ ଏବେ ଏହି ପୋଖରୀରେ ଥିବା ମାଛକୁ ନେଇ ଆଉ ଏକ ଅନିୟମିତତା ସାମନାକୁ ଆସିଛି। ଗତ ୮ ବର୍ଷ ହେଲା ଏହି ପୋଖରୀରୁ ମାଛ ଧରା ହୋଇନାହିଁ, ଅଥଚ ମାଛ ସବୁ ରହସ୍ୟଜନକ ଭାବେ ଗାଏବ ହୋଇଯାଉଛି। ଫଳରେ ଗତ ୮ ବର୍ଷ ଭିତରେ ଯାଜପୁର ପୌରସଂସ୍ଥା ପାଖାପାଖି କୋଟିଏ ଟଙ୍କାର ରାଜସ୍ୱ ହରାଇଲାଣି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ନିଲାମ ଧାରୀ ମାଛ ଧରିନଥିବା ମତ ରଖିଥିବା ବେଳେ ପୋଖରୀରୁ ୧୦ ଟନ୍ ମାଛ କୁଆଡ଼େ ଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟ ମୁତାବକ, କୁସୁମା ପୋଖରୀ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ସେଥିରେ ମାଛ ଚାଷ କରାଯାଇଥିଲା। ଏଥିପାଇଁ ଯାଜପୁର ପୌରସଂସ୍ଥା ବାର୍ଷିକ ୧୨ ଲକ୍ଷ ୫୦ ହଜାର ଟଙ୍କାରେ ନିଲାମ ଡାକିଥିଲା। ୨୦୧୭-୧୮ ଓ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ଯାଜପୁର ପୌର ପାଳିକା ସାନସାହିପୁର ଅଞ୍ଚଳର ଦିଲ୍ଲୀପ କୁମାର ଜେନା ନିଲାମ ନେଇଥିଲେ। ପ୍ରଥମ ବର୍ଷ ଶ୍ରୀ ଜେନା ୧୦ ଟନ୍ ମାଛ ଉଠାଇବା ବାବଦରେ ଯାଜପୁର ପୌରପାଳିକାକୁ ସର୍ତ୍ତ ମୁତାବକ ୧୨ ଲକ୍ଷ ୫୦ ହଜାର ଟଙ୍କା ପୈଠ କରିଥିଲେ। ମାତ୍ର ସେ ମାଛ ଧରିନଥିଲେ। ପୁନର୍ବାର ୨୦୨୧ ମସିହାରେ ପୌରପାଳିକା ପକ୍ଷରୁ ନିଲାମ ଡକାଯାଇ ଶ୍ରୀ ଜେନାଙ୍କୁ ୧୪ ଲକ୍ଷ ଟଙ୍କା ଦେବାକୁ ଦାବି କରାଯାଇଥିଲା। ପ୍ରଥମ ଥର ମାଛ ଧରିନଥିବା ଶ୍ରୀ ଜେନା ଦ୍ୱିତୀୟ ଥର ୧୪ ଲକ୍ଷ ଟଙ୍କାର ଟେଣ୍ଡର ପାଇଥିଲେ ବି ଅର୍ଥ ପୈଠ କରିନଥିଲେ। ପ୍ରଥମେ ଜମା କରିଥିବା ୧୨ ଲକ୍ଷ ୫୦ ହଜାର ଟଙ୍କା ଶ୍ରୀ ଜେନା ଏ ପର୍ଯ୍ୟନ୍ତ ଫେରିପାଇନଥିବା କହିଛନ୍ତି। ତେବେ ପୌର ସଂସ୍ଥା କାହା ଚାପରେ କୁସୁମାରୁ ମାଛ ଧରୁନଥିଲା ତାହା ଏବେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏ ବାବଦରେ ଯାଜପୁର ପୌରନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତଙ୍କୁ ପଚରାଯିବାରୁ ସେ ଏ ସଂପର୍କରେ କିଛି କହିବାକୁ ମନା କରିଦେଇଥିଲେ। ସୂଚନାଯୋଗ୍ୟ, ୨୦୧୮ ମସିହା ମାର୍ଚ୍ଚ ୨୫ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ୨୨ କୋଟି ଟଙ୍କା ବ୍ୟୟରେ କୁସୁମା ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ୨୦୧୯-୨୦ରେ ଏହି ପୋଖରୀରେ ଫ୍ଲୋଟିଂ ମ୍ୟୁଜିକାଲ୍ ଫାଉଣ୍ଟେନ୍ ପାଇଁ ୬ କୋଟି ୬୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏହି ପ୍ରକଳ୍ପ ସହରର ଅନ୍ୟତମ ଆକର୍ଷଣ ଥିଲେ ମଧ ପ୍ରକଳ୍ପ ନାମରେ ହୋଇଥିବା କେଳେଙ୍କାରୀ ଚର୍ଚ୍ଚାରେ ଥିଲା। ବିନା କୌଣସି ଫଳକ ଓ ସାଧାରଣରେ ତଥ୍ୟ ପ୍ରକାଶ ନକରି ଦୁଇ ମହଲା ବିଶିଷ୍ଟ ୯ଟି ଭବ୍ୟ କଟେଜ୍ ସହିତ ଏହି ବିଶାଳ ପୋଖରୀର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟୀକରଣ ହୋଇଥିବାରୁ ଏହା ବିବାଦ ଘେରକୁ ଆସିଥିଲା।



# ପାନୀୟ ଜଳ ଆଶା ଧୂଳିସାତ୍, ୫୦ ହଜାର ପରିବାର ହନ୍ତସନ୍ତ

**•ପାଣିରେ ପଡ଼ିଲା ୧୮୨ କୋଟିର ପ୍ରକଳ୍ପ**

**•ପାଣି ମହଜୁଦ ନଥିବା ସ୍ଥାନରେ ହୋଇଛି ମେଗା ପ୍ରକଳ୍ପ**

ଯାଜପୁର: ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍‌ରେ ଫେଲ୍ ମାରିଛି ମେଗା ପାନୀୟ ଜଳ ପ୍ରକଳ୍ପ। ବୈଷୟିକ ଟିମ୍‌ର ଭୁଲ ପରାମର୍ଶ ଯୋଗୁଁ ୧୮୨ କୋଟି ଟଙ୍କାର ଏକ ବୃହତ୍ ମେଗା ପାନୀୟଜଳ ପ୍ରକଳ୍ପ ଲୋକଙ୍କ ସେବାରେ ଆସି ପାରୁନଥିବାରୁ ଅସନ୍ତୋଷ ଦେଖାଦେଇଛି। ବୈତରଣୀ ନଦୀର ସିଦ୍ଧେଶ୍ୱର ଠାରେ ନିର୍ମାଣ ହୋଇଥିବା ଜଳ ବିଶୋଧନାଗାର ପ୍ରକଳ୍ପ ଅଚଳ ହୋଇପଡ଼ିଛି। ସେ ସ୍ଥାନରେ ପାଣି ନାହିଁ। ଆବଶ୍ୟକ ପାଣି ମହଜୁଦ ରହୁନଥିବା ଓ ୪ ଫୁଟ ତଳେ ଜଳସ୍ତର ରହୁଥିବାରୁ ବାଲିରୁ ମୋଟର ଲଗାଇ ପାଣି ଉଠାଇବା ଅସମ୍ଭବ। ପାଣି ମହଜୁଦ ରହୁନଥିବା ସ୍ଥାନରେ ବୈଷୟିକ ଟିମ୍ କିଭଳି ଏଭଳି ଏକ ବୃହତ୍ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅନୁମତି



ଦେଲେ ତାକୁ ନେଇ ସନ୍ଦେହ ଉପୁଜିଛି। ୨୦୧୯ରେ ୧୮୨କୋଟି ଟଙ୍କା ବ୍ୟୟରେ ଦଶରଥପୁର ବ୍ଲକ୍‌ରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏଥିପାଇଁ ବ୍ଲକ୍‌ର ୩୫ଟି ପଞ୍ଚାୟତରେ ୨ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ୩୫ଟି ଓଭର୍‌ହେଡ୍ ଟାଙ୍କି ନିର୍ମାଣ ହେବାର ଥିଲା। ଉକ୍ତ ଓଭର୍‌ହେଡ୍ ଟାଙ୍କି ଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ତଳିହା ପଞ୍ଚାୟତ ଗାରେଡ଼େଶ୍ୱର ଠାରେ ଏକ ବୃହତ୍ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ବୈତରଣୀ ନଦୀର ସିଦ୍ଧେଶ୍ୱରଠାରେ ବିଶୋଧନାଗାର ନିକଟରେ ଆବଶ୍ୟକ ମୁତାବକ ପାଣି ମହଜୁଦ ରହୁନାହିଁ। ନଦୀ ଶୁଖିଲା ପଡ଼ିଥିବାରୁ ଏଠାରୁ ମୋଟର ଲଗାଇ ପାଣି ଉଠାଯାଇ ପାରୁନାହିଁ। ଆବଶ୍ୟକ ପାଣି ରଖିବାକୁ କୌଣସି ବ୍ୟବସ୍ଥା କରାଯାଇନାହିଁ । ଏପଟେ ପ୍ରକଳ୍ପର ୫୦ ଭାଗ କାର୍ଯ୍ୟ ବାକି ରହିଥିବା ବେଳେ ଠିକାସଂସ୍ଥାକୁ ୧୭୮ କୋଟି ଟଙ୍କା ଦିଆସରିଛି। ବୃହତ୍ ପାନୀୟ ଜଳ ପ୍ରକଳ୍ପ ଥାଇ ଦଶରଥପୁର ବ୍ଲକ୍‌ର ଜନସାଧାରଣ ନଳକୂଅ ଗୁଡ଼ିକରୁ ବାହାରୁଥିବା ରାସାୟନିକ ଦ୍ରବ୍ୟଯୁକ୍ତ ପାଣି ପିଇ ବର୍ଷବର୍ଷ ଧରି ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ଶତାଧିକ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦ରୁ ଅଧିକ ଲୋକ କିଡ୍‌ନି ଓ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ପଚାରିବାରୁ ପ୍ରକଳ୍ପ ବାବଦରେ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ୪୧୧୧ କୋଟିର ୨୩ ପ୍ରକଳ୍ପରେ ମୋହର; ୧୦ ହଜାର ନୂଆ ନିଯୁକ୍ତି ସୃଷ୍ଟି ହେବ

ଭୁବନେଶ୍ୱର: ଗଞ୍ଜାମରେ ତିଆରି କରାଯିବ ଅତ୍ୟାଧୁନିକ କାର୍ଯ୍ୟଦକ୍ଷତା ବିଶିଷ୍ଟ ଡ୍ରୋନ୍। ଏଥିପାଇଁ ଇନ୍‌ଭେଷ୍ଟ ଗ୍ରିଡ୍ ଇଣ୍ଡିଆ ପକ୍ଷରୁ ୩୦୦ କୋଟି ଟଙ୍କା ନିବେଶରେ ଏକ ମଲ୍‌ଟି-ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯିବ। ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କର୍ତ୍ତୃପକ୍ଷର ୧୪୪ତମ ବୈଠକରେ ଏହି ପ୍ରକଳ୍ପ ସମେତ ୪୧୧୧.୮୦ କୋଟି ଟଙ୍କା ନିବେଶରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ୨୩ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏହାଦ୍ୱାରା ରାଜ୍ୟରେ ୧୦ ହଜାର ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

ଅନୁମୋଦିତ ପ୍ରକଳ୍ପଗୁଡ଼ିକୁ ବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ସ୍ଥାପନ କରାଯିବ। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକରେ ନର୍ଦ୍ଦନଏକ୍ସପ୍ରେସ୍ ଇନ୍‌ଫ୍ରାଡେଭେଲପର୍ସ ପକ୍ଷରୁ ୩୩୯.୪୦ କୋଟି ଟଙ୍କା ନିବେଶରେ ଏକ ଜାହାଜ ନିର୍ମାଣ ଓ ମରାମତି କାରଖାନା ସ୍ଥାପନ କରାଯିବ। ଖୋର୍ଦ୍ଧାରେ ନିଫା ଲିମିଟେଡ୍ ୩୮୪ କୋଟି ଟଙ୍କା ନିବେଶରେ ଏକ ରେଳ ଉପକରଣ



ନିର୍ମାଣ କାରଖାନା କରିବ। ଜେ ଜି ହୋସିଏରି ୧୦୦ କୋଟି ଟଙ୍କା ନିବେଶରେ ଏକ ପୋଷାକ କାରଖାନା ଓ ଆଲ୍‌ଭେଣ୍ଟା ଫାର୍ମା ୧୦୦ କୋଟି ଟଙ୍କା ନିବେଶରେ ଏକ ଔଷଧ କାରଖାନା ବସାଇବେ। ଖଣିଜ ଓ ଧାତବ କ୍ଷେତ୍ରରେ କଳିଙ୍ଗ ମେଟାଲିକ୍ସ ପକ୍ଷରୁ ସୁନ୍ଦରଗଡ଼ରେ ୬୦୦ କୋଟି ଟଙ୍କା ନିବେଶରେ ଏକ ଲୁହାପଥର ବିନିଫିକେସନ ପ୍ରକଳ୍ପ ସ୍ଥାପନ କରାଯିବ। ଶ୍ରୀରାମ ଆଇରନ ଆଣ୍ଡ୍ ଆଲୟଜ୍ ତରଫରୁ ଦେବଗଡ଼ରେ ୨୫୦ କୋଟି ଟଙ୍କା ନିବେଶରେ ଏକ ପେଲେଟ୍ କାରଖାନା ନିର୍ମାଣ କରାଯିବ। ସୁନ୍ଦରଗଡ଼ରେ ଇଷ୍ଟସାଇଡ୍ ଶୁଭ ଷ୍ଟିଲ୍ ୬୦.୦୫ କୋଟି ଟଙ୍କା, ଅର୍ଯ୍ୟଜ୍ ଓ ରିଫାଇନାରି ୫୧ କୋଟି ଟଙ୍କା ଓ ରଶ୍ମି ମେଟାଲର୍ଜିକାଲ ଇଣ୍ଡଷ୍ଟ୍ରି ତରଫରୁ ୩୫୦ କୋଟି ଟଙ୍କା ନିବେଶ କରାଯିବ। ଆଜିର ବୈଠକରେ ୪ଟି ତାରକା ହୋଟେଲ୍ ପ୍ରକଳ୍ପକୁ ମଧ ମଞ୍ଜୁର କରାଯାଇଥିଲା। ଏମ୍‌କେ ଆସେଟ୍‌ସ ପକ୍ଷରୁ ଖୋର୍ଦ୍ଧାରେ ୨୧୦ କୋଟି ଟଙ୍କା ନିବେଶରେ ଏକ ପଞ୍ଚତାରକା ହୋଟେଲ୍ ନିର୍ମାଣ କରାଯିବ। ସେହିପରି, ପୁରୀରେ ମଞ୍ଜିରା ହୋଟେଲ୍‌ସ ଆଣ୍ଡ୍ ରିସୋର୍ଟସ୍ ୨୦୦ କୋଟି ଟଙ୍କାରେ ଏକ ପଞ୍ଚତାରକା ହୋଟେଲ୍ ଏବଂ ପଣ୍ଡା ରିସୋର୍ଟସ୍ ଲିମିଟେଡ୍ ୭୦ କୋଟି ଟଙ୍କାରେ ଏକ ଚାରି-ତାରକା ହୋଟେଲ୍ ନିର୍ମାଣ କରିବେ। ଶଙ୍କରୀଦେବୀ ଏଣ୍ଟର ପ୍ରାଇଜେସ୍ ପକ୍ଷରୁ ସମ୍ବଲପୁରରେ ୬୪.୧୦ କୋଟି ଟଙ୍କା ନିବେଶରେ ଏକ ଚାରି-ତାରକା ହୋଟେଲ୍ ନିର୍ମାଣ କରାଯିବ। କଟକରେ ବ୍ଲୁ ମାଉଣ୍ଟ ଏନର୍ଜି ୧୦୦ କୋଟି ଟଙ୍କା ନିବେଶରେ ଏକ ଔଷଧ କାରଖାନା ନିର୍ମାଣ କରିବ। ସୁନ୍ଦରଗଡ଼ରେ ସର୍ବେଶ ରିଫ୍ରାକ୍ଟରିଜ୍ ୬୨ କୋଟି ଟଙ୍କା ନିବେଶରେ ଏହାର ରିଫ୍ରାକ୍ଟରି କାରଖାନାର ସମ୍ପ୍ରସାରଣ କରିବ। ଯାଜପୁରରେ ଝାଡ଼ଖଣ୍ଡ ଗ୍ରାଇଣ୍ଡ୍ କେମ୍ ତରଫରୁ ୬୭.୧୫ କୋଟି ଟଙ୍କା ନିବେଶରେ ଏକ ନୂଆ ରିଫ୍ରାକ୍ଟରି ପ୍ରକଳ୍ପ ସ୍ଥାପନ କରାଯିବ। ରାମ୍‌କୋ ଆଲୁମିନିନେଟ୍ କୋରାପୁଟରେ ୫୪.୫୦ କୋଟି ଟଙ୍କା ନିବେଶରେ ଏକ ଆଲୁମିନା ଆଧାରିତ ରିଫ୍ରାକ୍ଟରି ପ୍ରକଳ୍ପ ବସାଇବ।

ସେହିପରି, ବାଲେଶ୍ୱରରେ ୟଶ୍ ଫ୍ଲେକ୍ସି ପ୍ୟାକ୍ ତରଫରୁ ୫୧ କୋଟି ଟଙ୍କା ନିବେଶରେ ଏକ ପ୍ୟାକେଜିଂ ପ୍ରକଳ୍ପ ସ୍ଥାପନ କରାଯିବ। ଗ୍ରୋଇଂ ଟ୍ରି ଅଏଲ୍ ପକ୍ଷରୁ କଟକରେ ୧୦୦ କୋଟି ଟଙ୍କା ନିବେଶରେ ଏକ ଖାଇବା ତେଲ କାରଖାନା, ଜେବିଏସ୍‌ଏସ୍ ଗ୍ଲାସ୍ ତରଫରୁ ୫୦.୮୫ କୋଟି ଟଙ୍କା ନିବେଶରେ ଏକ କାଚ ତିଆରି କାରଖାନା ନିର୍ମାଣ କରାଯିବ। ଶ୍ରିଷ୍ଟି ଟ୍ରେଡିଂ କର୍ପୋରେସନ ୧୬୦.୭୫ କୋଟି ଟଙ୍କା ନିବେଶରେ ଏକ ଲଜିଷ୍ଟିକ୍ ପାର୍କ ଓ ଗୋଦାମ ଘର ନିର୍ମାଣ କରିବ। ଗଞ୍ଜାମରେ ୱାଟର ଟେକ୍ ଇଣ୍ଡିଆ ୩୮୭ କୋଟି ଟଙ୍କା ନିବେଶରେ ଏକ ପ୍ଲାଷ୍ଟିକ ଉତ୍ପାଦ କାରଖାନା ବସାଇବ।



# ରାଜ୍ୟ ଖବର



# କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ନା ରେଫରାଲ୍ କେନ୍ଦ୍ର ?

## ହସ୍ପିଟାଲ ଭିତରେ ରୋଗୀ ପାଉଥିବା ଅମାନବୀୟ ବ୍ୟବହାର

କେନ୍ଦ୍ରାପଡ଼ା: ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ରା ଡ଼ା, ଯାହାର ପୌରପାଳିକା ଗଠନକୁ ୧୫୭ ବର୍ଷରୁ ଅଧିକ ସମୟ ବିତିଯାଇଛି, ସେଠାରେ ଆଜି ବି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଗଭୀର ଶୂନ୍ୟତା ପରିଲକ୍ଷିତ ହେଉଛି। ୨୦୧୧ ଜନଗଣନା ଅନୁଯାୟୀ ଏହି ଜିଲ୍ଲାର ଜନସଂଖ୍ୟା ୧୪.୪୦ ଲକ୍ଷ ଥିବାବେଳେ ବର୍ତ୍ତମାନର ଅନୁମାନ (୨୦୨୫-୨୦୨୬) ଅନୁଯାୟୀ ଏହା ପ୍ରାୟ ୧୬ ଲକ୍ଷରୁ ଅଧିକ ହେଲାଣି। କିନ୍ତୁ ଏହି ବିପୁଳ ଜନସଂଖ୍ୟା ପାଇଁ ସରକାରୀ ସ୍ୱାସ୍ଥ୍ୟ ସେବା ଏବେ ମଧ୍ୟ ଏକ 'ମରୀଚିକା' ପାଲଟିଛି। ଯେଉଁଠାରେ ସାଂସ୍କୃତିକ ଓ ପର୍ଯ୍ୟଟନ କ୍ଷେତ୍ରରେ ଭିତରକନିକା ଜାତୀୟ ଉଦ୍ୟାନ ଓ ପ୍ରଭୁ ବଳଦେବଜୀଉଙ୍କ ମନ୍ଦିର ଭଳି ପ୍ରସିଦ୍ଧ ଆକର୍ଷଣ ରହିଛି, ସେଠାରେ ସାଧାରଣ ମଣିଷର ଜୀବନ ଓ ସ୍ୱାସ୍ଥ୍ୟ ପ୍ରତି ଏପରି ଅବହେଳା କେବଳ ଦୁଃଖଦ ନୁହେଁ, ବରଂ ପ୍ରଶାସନିକ ଉଦାସୀନତାର ଏକ ଜ୍ୱଳନ୍ତ ଉଦାହରଣ।

କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (DHH) ଜିଲ୍ଲା ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ ହେବା ପରିବର୍ତ୍ତେ ଆଜି ଏକ 'ରେଫରାଲ୍ କେନ୍ଦ୍ର' ଭାବେ ଅପଖ୍ୟାତି ଅର୍ଜନ କରିଛି। ଏହାକୁ ଏପରି କହିବାର ଯଥାର୍ଥତା ହେଉଛି, ଏଠାରେ ଗୁରୁତର ରୋଗୀଙ୍କୁ ସୁଚିକିତ୍ସା ପ୍ରଦାନ କରିବା ଅପେକ୍ଷା କଟକ କିମ୍ବା ଭୁବନେଶ୍ୱରର ବଡ଼ ହସ୍ପିଟାଲକୁ ସ୍ଥାନାନ୍ତର କରିବା ଏକ ଦୈନନ୍ଦିନ ପରମ୍ପରାରେ ପରିଣତ ହୋଇଛି। ପ୍ରାୟ ୨୦୦-୩୦୦ ଶଯ୍ୟା ବିଶିଷ୍ଟ ଏହି ଚିକିତ୍ସାଳୟରେ କାର୍ଡିଓଲୋଜି, ନ୍ୟୁରୋଲୋଜି କିମ୍ବା ଜଟିଳ ପ୍ରସୂତି ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସ୍ଥାୟୀ ସ୍ପେଶାଲିଷ୍ଟଙ୍କ ଘୋର ଅଭାବ ରହିଛି। ଫଳସ୍ୱରୂପ, ହୃଦଘାତ କିମ୍ବା ଜରୁରୀକାଳୀନ ଅସ୍ତ୍ରୋପଚାର ଆବଶ୍ୟକ ହେଉଥିବା ରୋଗୀଙ୍କ ପାଇଁ ଏହି ମୁଖ୍ୟ ଚିକିତ୍ସାଳୟ କେବଳ ଏକ 'ଟ୍ରାଞ୍ଜିଟ୍ ପଏଣ୍ଟ' ବା ଅସ୍ଥାୟୀ ରହଣି ସ୍ଥଳ ପାଲଟିଛି। ଡାକ୍ତରୀ ପଦବୀରେ ୩୦-୪୦% ଶୂନ୍ୟତା ଏବଂ ଦକ୍ଷ ଟେକ୍ନିସିଆନ୍‌ଙ୍କ ଅନୁପସ୍ଥିତି କାରଣରୁ, ଜୀବନରକ୍ଷାକାରୀ ସେବା ଯୋଗାଇବା ପରିବର୍ତ୍ତେ ରୋଗୀଙ୍କୁ ବାହାରକୁ ପଠାଇ ପ୍ରଶାସନ ନିଜ ଦାୟିତ୍ୱରୁ ମୁକ୍ତି ପାଉଛି। କଟକ କିମ୍ବା ଭୁବନେଶ୍ୱର ଯିବା ପାଇଁ ଲାଗୁଥିବା ଦୀର୍ଘ ସମୟ ମଧ୍ୟରେ ଅନେକ ରୋଗୀ ବାଟରେ ହିଁ ପ୍ରାଣ ହରାଉଛନ୍ତି, ଯାହା ଜିଲ୍ଲାର ସାମଗ୍ରିକ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଅସହାୟତାକୁ ପଦାରେ ପକାଉଛି।

ସବୁଠାରୁ ଦୁଃଖଦାୟକ ବିଷୟ ହେଉଛି, ହସ୍ପିଟାଲ ଭିତରେ ରୋଗୀ ପାଉଥିବା ଅମାନବୀୟ ବ୍ୟବହାର। ଜଣେ ରୋଗୀ ବା ତାଙ୍କର ଆତ୍ମୀୟ ଯେତେବେଳେ ଭୟ ଓ ଯନ୍ତ୍ରଣାରେ ଥାଆନ୍ତି, ସେତେବେଳେ କିଛି ଡାକ୍ତର, ନର୍ସ କିମ୍ବା ଷ୍ଟାଫ୍‌ଙ୍କ ରୁଢ଼ ଓ ଅପମାନଜନକ ଆଚରଣ ସେମାନଙ୍କ ମନୋବଳକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଦିଏ। ଓଭରକ୍ରାଉଡିଂ ଏବଂ କର୍ମଚାରୀଙ୍କ ଉପରେ କାର୍ଯ୍ୟର ଚାପ ଥାଇପାରେ, କିନ୍ତୁ ଏହା ରୋଗୀଙ୍କ ସହ ଦୁର୍ବ୍ୟବହାର କରିବାର ଲାଇସେନ୍ସ ନୁହେଁ। ରୋଗୀମାନେ ଅନୁଭବ କରନ୍ତି ଯେ ସେମାନଙ୍କୁ ମଣିଷ ଭାବେ ନୁହେଁ, ବରଂ କେବଳ ଏକ ସଂଖ୍ୟା ବା ନମ୍ବର ଭାବେ ଦେଖାଯାଉଛି। ଏହି ଅଶିଷ୍ଟତା ଅନେକ ସମୟରେ ହସ୍ପିଟାଲ ପରିସରରେ ବଚସା ଓ ଅସନ୍ତୋଷର ରୂପ ନିଏ, ଯାହା ସମଗ୍ର ସ୍ୱାସ୍ଥ୍ୟ ବ୍ୟବସ୍ଥାର ଅବକ୍ଷୟର ଏକ ସ୍ପଷ୍ଟ ଲକ୍ଷଣ।



ଜିଲ୍ଲାର ଗ୍ରାମାଞ୍ଚଳରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (CHC) ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (PHC) ଗୁଡ଼ିକର ଅବସ୍ଥା ଆହୁରି ସୋଚନୀୟ। ବିଶେଷ କରି ରାଜନଗର ଓ ମହାକାଳପଡ଼ା ଭଳି ଦୁର୍ଗମ ତଥା ଉପକୂଳବର୍ତ୍ତୀ ଅଞ୍ଚଳରେ ବନ୍ୟା ଓ ଚକ୍ରବାତ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହି ଚିକିତ୍ସା କେନ୍ଦ୍ରଗୁଡ଼ିକ ପ୍ରାୟତଃ ଅକାମୀ ହୋଇଯାଆନ୍ତି, ଯାହା ଲୋକଙ୍କ ଦୁର୍ଦ୍ଦଶାକୁ ଦ୍ୱିଗୁଣିତ କରିଥାଏ। ଯଦିଓ ସରକାରଙ୍କ ପକ୍ଷରୁ 'ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା' (G-JAY) ଭଳି ବ୍ୟାପକ ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥା ଉପଲବ୍ଧ କରାଯାଇଛି, ତଥାପି ଜିଲ୍ଲାରେ ସିଟି ସ୍କାନ୍, ଏମ୍‌ଆର୍‌ଆଇ (ଗଜଓ) କିମ୍ବା ଆଇସିୟୁ (ICU) ଭଳି ଅତ୍ୟାଧୁନିକ ଚିକିତ୍ସା ଭିତ୍ତିଭୂମିର ଘୋର ଅଭାବ ରହିଛି। ଏହି ବୈଷୟିକ ଅଭାବ ଯୋଗୁଁ ଯୋଜନା ଥାଇ ମଧ୍ୟ ସାଧାରଣ ଲୋକେ ବାଧ୍ୟ ହୋଇ ବ୍ୟୟବହୁଳ ଘୋରୋଇ ଚିକିତ୍ସାଳୟର ଦ୍ୱାରସ୍ଥ ହେଉଛନ୍ତି। ଫଳସ୍ୱରୂପ, ସରକାରୀ ସ୍ତରରେ ସେବା ନମିଳିବା କାରଣରୁ ଗରିବ ଜନସାଧାରଣ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି, ଯାହା ଜିଲ୍ଲାର ଜନସ୍ୱାସ୍ଥ୍ୟ ବ୍ୟବସ୍ଥାର ବାସ୍ତବିକ ଦୁର୍ବଳତାକୁ ହିଁ ପଦାରେ ପକାଉଛି।

ଏହି ସାମଗ୍ରିକ ସ୍ୱାସ୍ଥ୍ୟ ଦୁର୍ଦ୍ଦଶାର ମୂଳ କାରଣ ହେଉଛି ବର୍ଷ ବର୍ଷ ଧରି ଚାଲିଆସିଥିବା ପ୍ରଶାସନିକ ଉଦାସୀନତା। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବଜେଟ୍ କ୍ରମାଗତ ଭାବେ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ୧୬,୦୦୦ କୋଟି ଟଙ୍କାରେ ପହଞ୍ଚିଥିଲେ ହେଁ, କେନ୍ଦ୍ରାପଡ଼ା ଭଳି ଉପକୂଳବର୍ତ୍ତୀ ତଥା ଗ୍ରାମୀଣ ଜିଲ୍ଲାକୁ ସେହି ଅନୁପାତରେ ଅଗ୍ରାଧିକାର ମିଳୁନାହିଁ। ଡାକ୍ତରମାନେ ଗ୍ରାମାଞ୍ଚଳରେ ସେବା ପ୍ରଦାନ କରିବାକୁ ଅନିଚ୍ଛୁକ ହେବାର ପ୍ରମୁଖ କାରଣ ହେଉଛି ଉପଯୁକ୍ତ ଆବାସ ସୁବିଧା, ନିରାପତ୍ତା ଏବଂ ପ୍ରୋତ୍ସାହନରାଶିର ଅଭାବ। ଏହା ସହିତ ଯୋଡ଼ି ହୋଇଛି ନିର୍ବାଚନୀ ପ୍ରତିଶ୍ରୁତିର ରାଜନୀତି; ପ୍ରତି ନିର୍ବାଚନ ସମୟରେ ନୂଆ ମେଡିକାଲ୍ କଲେଜ୍ ସ୍ଥାପନର ସ୍ୱପ୍ନ ଦେଖାଯାଉଥିଲେ ହେଁ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ତାହା ଶୂନ। ୨୦୨୫ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ରାପଡ଼ାକୁ ଏକ 'ମଡେଲ୍ ଜିଲ୍ଲା' ଭାବେ ଗଢ଼ିତୋଳିବାକୁ ଘୋଷଣା କରିଥିଲେ ସତ, କିନ୍ତୁ ଭିତ୍ତିଭୂମି ସ୍ତରରେ ଆଜି ବି କୌଣସି ଉଲ୍ଲେଖନୀୟ ପରିବର୍ତ୍ତନ ଦୃଶ୍ୟମାନ ନୁହେଁ। ଏହି ପ୍ରଶାସନିକ ଶିଥିଳତା କେବଳ ବ୍ୟବସ୍ଥାକୁ ପଙ୍ଗୁ କରୁନାହିଁ, ବରଂ ସାଧାରଣ ଜନତାଙ୍କ ମନରେ ସରକାରୀ ପ୍ରତିଶ୍ରୁତି ପ୍ରତି ଥିବା ବିଶ୍ୱାସକୁ ମଧ୍ୟ ହ୍ରାସ କରୁଛି। ଏହି ସ୍ୱାସ୍ଥ୍ୟ ସଂକଟ ପଛରେ ଜିଲ୍ଲାର ଜଟିଳ ଭୌଗୋଳିକ ସ୍ଥିତି ମଧ୍ୟ ଏକ ବଡ଼ ଆହ୍ୱାନ। ବ୍ରାହ୍ମଣୀ ଓ ମହାନଦୀ ଭଳି ବୃହତ ନଦୀ ପରିବେଷ୍ଟିତ ଏହି ଜିଲ୍ଲାରେ ବନ୍ୟା ସମୟରେ ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼େ, ଯାହା ଆମ୍ବୁଲାନ୍ସ ସେବାକୁ ବାଧାପ୍ରାପ୍ତ କରିଥାଏ। ଯଦିଓ '୧୦୮' ଆମ୍ବୁଲାନ୍ସ ସେବା ଉପଲବ୍ଧ ଅଛି, ତଥାପି ଏହି ଜୀବନରକ୍ଷାକାରୀ ଯାନଗୁଡ଼ିକରେ ଅମ୍ଳଜାନ, ଜରୁରୀକାଳୀନ ମେଡିକାଲ୍ କିଟ୍ ଏବଂ ତାଲିମପ୍ରାପ୍ତ ପାରାମେଡିକାଲ୍ ଷ୍ଟାଫ୍‌ଙ୍କ ଘୋର ଅଭାବ ରହିଛି। ଏକ ଅନୁମାନ ଅନୁଯାୟୀ, ଅତ୍ୟାଧୁନିକ ଚିକିତ୍ସା ଅଭାବରୁ ସ୍ଥାନାନ୍ତର ସମୟରେ ପ୍ରାୟ ୨୫-୩୦% ରୋଗୀ ଆମ୍ବୁଲାନ୍ସ ମଧ୍ୟରେ ହିଁ ଶେଷ ନିଶ୍ୱାସ ତ୍ୟାଗ କରନ୍ତି। ଏହି ମୃତ୍ୟୁ କେବଳ ସରକାରୀ ଫାଇଲ୍‌ର ଏକ ପରିସଂଖ୍ୟାନ ନୁହେଁ, ବରଂ ପ୍ରତ୍ୟେକ ମୃତ୍ୟୁ ପଛରେ ରହିଛି ଗୋଟିଏ ପୂରା ପରିବାରର ଉଜୁଡ଼ିଯିବାର କରୁଣ କାହାଣୀ, ଯାହା ପାଇଁ ପ୍ରଶାସନିକ ସ୍ଥାଣୁତା ହିଁ ଦାୟୀ।

ଏହି ସଙ୍କଟରୁ ମୁକ୍ତି ପାଇବା ପାଇଁ ଏବେ ତୁରନ୍ତ ଏବଂ ସମନ୍ୱିତ ପଦକ୍ଷେପର ଆବଶ୍ୟକତା ରହିଛି। ସର୍ବପ୍ରଥମେ, ଡାକ୍ତର ନିଯୁକ୍ତି ପ୍ରକ୍ରିୟାରେ କେନ୍ଦ୍ରାପଡ଼ାକୁ ଅଗ୍ରାଧିକାର ଦିଆଯିବା ସହ 'ରୁରାଲ୍ ଇନସେଣ୍ଟିଭ୍' ଯୋଜନାକୁ ଅଧିକ ବଳବତ୍ତର କରାଯିବା ଉଚିତ, ଯଦ୍ୱାରା ଅଭିଜ୍ଞ ଚିକିତ୍ସକମାନେ ଗ୍ରାମାଞ୍ଚଳରେ ସେବା ପ୍ରଦାନ କରିବାକୁ ଆଗ୍ରହୀ ହେବେ। ଜିଲ୍ଲାରେ ଏକ ପୂର୍ଣ୍ଣାଙ୍ଗ ସରକାରୀ ମେଡିକାଲ୍ କଲେଜ୍ ସ୍ଥାପନ ଏବେ ଆଉ କେବଳ ଦାବି ନୁହେଁ ବରଂ ଏକ ଜରୁରୀ ଆବଶ୍ୟକତା, ଯାହା ସ୍ଥାନୀୟ ସ୍ତରରେ ବିଶେଷଜ୍ଞ ଡାକ୍ତର ସୃଷ୍ଟି କରିବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମିର ସ୍ଥାୟୀ ସମାଧାନ କରିପାରିବ। ଏଥିସହିତ, ଜିଲ୍ଲାର ଭୌଗୋଳିକ ଜଟିଳତାକୁ ଦୃଷ୍ଟିରେ ରଖି ଆମ୍ବୁଲାନ୍ସ ସେବାକୁ ଅଧିକ ଆଧୁନିକୀକରଣ କରିବା ସହ ଦୁର୍ଗମ ନଦୀପଥ ଅଞ୍ଚଳ ପାଇଁ 'ରିଭରାଇନ୍ ଆମ୍ବୁଲାନ୍ସ' ଏବଂ ଟେଲି-ମେଡିସିନ୍ ବ୍ୟବସ୍ଥାର ପ୍ରଚଳନ କରାଯିବା ଆବଶ୍ୟକ। ସର୍ବୋପରି, ଏହି ଅଭିଯାନରେ ସ୍ଥାନୀୟ ପ୍ରଶାସନ ଓ ନାଗରିକ ସମାଜର ମିଳିତ ସହଭାଗିତା ଏକାନ୍ତ ଅପରିହାର୍ଯ୍ୟ, ଯେଉଁଠାରେ ସ୍ୱାସ୍ଥ୍ୟ ସଚେତନତା ଓ ସେବା ପ୍ରଦାନର ନିୟମିତ ଅନୁଧ୍ୟାନ ପାଇଁ ଏକ ସ୍ୱତନ୍ତ୍ର ମନିଟରିଂ କମିଟି ଗଠନ ହେବା ଦରକାର। ମନେରଖିବାକୁ ହେବ ଯେ, କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା କୌଣସି ପ୍ରଶାସନିକ ଅନୁଗ୍ରହ ନୁହେଁ, ବରଂ ଏହା ସେମାନଙ୍କର ସାମ୍ବିଧାନିକ ଅଧିକାର। ଯଦି ପ୍ରଶାସନ ଏହି ସଙ୍କଟକୁ ଆଜି ବି ଅଣଦେଖା କରେ, ତେବେ ଏହା ଏକ ମାନବୀୟ ଅପରାଧ ଭାବେ ବିବେଚିତ ହେବ। ଆସନ୍ତୁ, ଆମେ ସମସ୍ତେ ଏହି ପରିବର୍ତ୍ତନ ପାଇଁ ସ୍ୱର ଉତ୍ତୋଳନ କରିବା; କେବଳ ତେବେ ଯାଇ ଏହି ୧୫୭ ବର୍ଷର ଐତିହାସିକ ସହର ପ୍ରକୃତ ଅର୍ଥରେ ଆଧୁନିକ ଓ ସୁସ୍ଥ ହୋଇପାରିବ।

# କେନ୍ଦ୍ର ଫୋକସ୍‌ରେ ସାତକୋଶିଆ, ବ୍ୟାଘ୍ର ସଂରକ୍ଷଣ କରିବାକୁ ୪ କମିଟି

ଭୁବନେଶ୍ୱର : ଓଡ଼ିଶାର ସାତକୋଶିଆ ସମେତ ଦେଶର ୪ଟି ବ୍ୟାଘ୍ର ଅଭୟାରଣ୍ୟ ମହାବଳ ଶୂନ୍ୟ। ଯେଉଁଥିରେ ତେଲେଙ୍ଗାନାର କୱାଲ ବ୍ୟାଘ୍ର ଅଭୟାରଣ୍ୟ, ମହାରାଷ୍ଟ୍ରର ସାୟଦ୍ରି ଅଭୟାରଣ୍ୟ ଓ ଆନ୍ଧ୍ରପ୍ରଦେଶର ଶ୍ରୀ ଭେଙ୍କଟେଶ୍ୱର ନ୍ୟାସନାଲ ପାର୍କ ରହିଛି। ୨୦୨୨ ଗଣନା ସମୟରେ ଏଭଳି ତଥ୍ୟ ସାମନାକୁ ଆସିଥିଲା। ଇତିମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ବ୍ୟାଘ୍ର ଅଭୟାରଣ୍ୟଗୁଡ଼ିକରେ କିଛି ଫରକ ଆସିନାହିଁ। ଅନ୍ୟ ଜଙ୍ଗଲରୁ ଏଠାକୁ ମହାବଳ ଆସିନାହାନ୍ତି କିମ୍ବା ଦୃଶ୍ୟମାନ ହୋଇନାହାନ୍ତି। ବରଂ, ଗୋଟିଏ ଯୋଡ଼ିଏ ଜଙ୍ଗଲରୁ ମହାବଳ କମିଛନ୍ତି। ଏଭଳି ସ୍ଥିତିକୁ ନେଇ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦର ଯାଦବ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନ୍‌ଟିସିଏ) ବୈଠକରେ ଚିନ୍ତା ପ୍ରକଟ କରିଛନ୍ତି। ବାଘ ସଂଖ୍ୟା ଆକଳନ, ଉଦ୍ଧାର ଓ ପୁନର୍ବାସ ଭିତ୍ତିଭୂମି, ମଣିଷ-ବନ୍ୟପ୍ରାଣୀ ସଂଘର୍ଷ ରୋକିବା, ବ୍ୟାଘ୍ର ସଂରକ୍ଷଣ ପାଣ୍ଠିର ବ୍ୟବହାର ଓ ବାଘ ସଂରକ୍ଷଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ପରି ପ୍ରସଙ୍ଗରେ ବିଚାରବିମର୍ଶ ଆବଶ୍ୟକ ବୋଲି ମତପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ୩୩ଟି ମାନଦଣ୍ଡ ଆଧାରରେ ପ୍ରତି ୪ ବର୍ଷରେ କରାଯାଉଥିବା ର୍‌ୟାଙ୍କିଂରେ ସାତକୋଶିଆ ଅଭୟାରଣ୍ୟ ଲଗାତାର ଭାବେ ଉପରକୁ ଉଠିବା ସହ ବାଘଙ୍କ ବାସ ଉପଯୋଗୀ ସ୍ଥାନରେ ପରିଣତ ହୋଇଛି। ୨୦୧୦ରେ 'ଦୁର୍ବଳ' ବର୍ଗରେ ଥିବା ସାତକୋଶିଆ ୨୦୧୪ରେ 'ଫେୟାର'ରେ ସ୍ଥାନ



ପାଇଥିଲା। ୨୦୧୮ରେ ୬୭.୬୬% ସହ 'ଭଲ' ବର୍ଗ ଏବଂ ୨୦୨୨ରେ ୭୫% ସହ 'ବହୁତ ଭଲ' ବର୍ଗରେ ରହିଥିଲା। ତା' ସତ୍ତ୍ୱେ ମଧ୍ୟ ମହାବଳ ବଂଶ ପୁନରୁଦ୍ଧାର ସମ୍ଭବପର ହୋଇପାରି ନ ଥିବାରୁ ବୈଠକରେ ଅଧିକାରୀମାନେ ଚିନ୍ତାପ୍ରକଟ କରିଥିଲେ। ଗୋଟିଏ ପଟେ ଶିମିଳିପାଳ ଲଗାତାର ଭାବେ ଆଗକୁ ବଢ଼ିବା ସହ ବାଘଙ୍କ ରହିବା ଉପଯୋଗୀ ହୋଇଛି। ୨୦୧୦ରେ ୪୭.୫୦% ସହ 'ଫେୟାର' ବର୍ଗରେ ଥିବା ଶିମିଳିପାଳ ୨୦୧୪ରେ ୫୮.୦୬% ସହ 'ଫେୟାର', ୨୦୧୮ରେ ୭୨.୬୬% ସହ 'ଭଲ' ଓ ୨୦୨୨ରେ ୯୦.୧୫% ସହ 'ଉତ୍କୃଷ୍ଟ' ବର୍ଗରେ ସ୍ଥାନ ପାଇଥିଲା। ଓଡ଼ିଶାର ପାଖାପାଖି ୯୦% ବାଘ ଏହି ଅଭୟାରଣ୍ୟରେ ରହିଥିବା ଏନ୍‌ଟିସିଏ ପକ୍ଷରୁ ବୈଠକରେ ଦର୍ଶାଯାଇଥିଲା। ଏ କ୍ଷେତ୍ରରେ ସୃଷ୍ଟି ହେଉଥିବା ଆହ୍ୱାନଗୁଡ଼ିକର ସମୀକ୍ଷା କରିବା ଏବଂ ଦେଶର ବ୍ୟାଘ୍ର ସଂରକ୍ଷଣରେ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ମୂଲ୍ୟାୟନ କରିବାକୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଯାଦବ ୪ଟି କମିଟି ଗଠନ କରିବାକୁ କହିଛନ୍ତି।

# ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆଗକୁ ଖରାଦିନ ଆସୁଥିବାବେଳେ ଏବେଠୁ ଗାଁଗାଁରେ ପିଇବା ପାଣି ସଙ୍କଟ ଦେଖାଦେଲାଣି। ବୃହତ୍ ପାନୀୟ ଜଳ ପ୍ରକଳ୍ପ କାମ ଶେଷ ହେଉ ନ ଥିବାରୁ ଗାଁଗାଁରେ ଅସନ୍ତୋଷ। ତେଣୁ ପାନୀୟ ଜଳ ପ୍ରକଳ୍ପ କିପରି ଶେଷ ହେବ, ପ୍ରତି ଘରେ ପାଇପ୍ ଯୋଗେ ପାଣି ପହଞ୍ଚିବ ସେନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ଆଜି ସ୍ଥିତି ସମୀକ୍ଷା କରିଛନ୍ତି। ଏହାସହ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ୨୦୨୭ ମାର୍ଚ୍ଚ ସୁଦ୍ଧା ପ୍ରତି ଗାଁରେ ପାଇପ୍ ଯୋଗେ ପାଣି ପହଞ୍ଚିବା ଦରକାର। ଏହି ସମୟ ସୁଦ୍ଧା କୌଣସି ରାଜସ୍ୱ ଗାଁ ଯେପରି ବାଦ୍ ପଡ଼ିବନି ତାହାକୁ ନଜରରେ ରଖି ବିଭାଗ କାର୍ଯ୍ୟ କରୁ। ଆଜି ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ପାନୀୟ ଜଳ ଯୋଗାଣର ସମୀକ୍ଷା କରି କହିଛନ୍ତି, ଏହାକୁ ମିସନ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଉ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦିଆଯାଉ। ବୈଠକରୁ ଜଣାପଡ଼ିଛି ଯେ, ବର୍ତ୍ତମାନ ରାଜ୍ୟର ୪୬୫୩୧ଟି ଗ୍ରାମ ମଧ୍ୟରୁ ୨୧୭୨୧ଟି ଗ୍ରାମରେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି। ଏହା ସହିତ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପଗୁଡ଼ିକ ନିର୍ମାଣାଧୀନ ଅଛି। ସେହିପରି ୨୦୧୭ରୁ ଜୁନ୍ ୧୨, ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଜୁନ୍ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଜୁନ୍ ୨୦୨୪ ପରେ ଅର୍ଥାତ୍



୨୦ ମାସ ମଧ୍ୟରେ ରାଜ୍ୟରେ ୨୯୫୧ଟି ଏକକ ଗ୍ରାମ ପ୍ରକଳ୍ପ, ୨୭୦୨ଟି ସୌର ଶକ୍ତି ପାନୀୟ ଜଳ ପ୍ରକଳ୍ପ ଏବଂ ୨୬୧୩୭ଟି ନଳକୂପ ସ୍ଥାପିତ ହୋଇଛି। ସୂଚନାଯୋଗ୍ୟ ଯେ, ରାଜ୍ୟରେ ପାଇପ୍ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି। ସେଥିରୁ ଜଳ ଜୀବନ ମିସନ୍ ଯୋଜନାରେ ୩୨୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି। ଆଜିର ସମୀକ୍ଷା ବୈଠକରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ସଚିବ ଅନୁ ଗର୍ଗ, ଉନ୍ନୟନ କମିସନର ଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ଗିରୀଶ ଏସ୍.ଏନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ମା ହିଂସ୍ୟାତ୍ ସର୍ବଭୂତାନି

ଭାରତୀୟ ବୈଦିକ ବାଙ୍ମୟ ଏବଂ ତା'ର ଦର୍ଶନ ଶାସ୍ତ୍ର ବିଶ୍ୱର ସମସ୍ତ ଦର୍ଶନ ଶାସ୍ତ୍ର ମଧ୍ୟରେ ଅଦ୍ୱିତୀୟ, ଯେ ଯୁଗ ଯୁଗ ଧରି ସମଗ୍ର ଜଗତର କଲ୍ୟାଣ ନିମନ୍ତେ ପଥ ପ୍ରଦର୍ଶକ ହୋଇ ରହିଅଛି। କେବଳ ଏହି ବୈଦିକ ବାଙ୍ମୟ ଜନ ସମାଜର ହିତ ସାଧନ କଥା ଚିନ୍ତା କରେନାହିଁ, ଅପିତୁ ସମସ୍ତ ସଂସାରର ମଙ୍ଗଳ ଚିନ୍ତନ କରି ଚାଲିଛି। ଏ ଶାସ୍ତ୍ରର ଏକ ଏକ ବାଣୀ ପ୍ରାଣୀ ଜଗତ ପାଇଁ ବରଦାନ ସଦୃଶ। ସେଥି ମଧ୍ୟରୁ 'ମା ହିଂସ୍ୟାତ୍ ସର୍ବଭୂତାନି' ଏକ ଅମୂଲ୍ୟ ବାର୍ତ୍ତା । ଏହି କ୍ଷୁଦ୍ର ବାକ୍ୟର ଅର୍ଥ କୌଣସି ପ୍ରାଣୀଙ୍କୁ ହିଂସା କର ନାହିଁ। ଯାହା ଅହିଂସା ଏବଂ ସର୍ବଜନ ହିତର ଏକ ଶାଶ୍ୱତ ନିଦର୍ଶନକୁ ସୂଚାଏ।



**ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**

ଆମ ଭାରତୀୟ ସଂସ୍କୃତି ଓ ତା'ର ପରମ୍ପରା ଆଧ୍ୟାତ୍ମିକ ପୃଷ୍ଠ ଭୂମି ଉପରେ ପର୍ଯ୍ୟବେସିତ, ଯେ ସଦା ସର୍ବଦା 'ଅହିଂସା'କୁ ସର୍ବଶ୍ରେଷ୍ଠ ଧର୍ମ ବୋଲି ବିବେଚନା କରିଛି। ଏହି ଅହିଂସାର ତାତ୍ପର୍ଯ୍ୟ ହେଉଛି କୌଣସି ବି ଜୀବ ବା ପ୍ରାଣୀଙ୍କୁ ମନ, ବଚନ ବା କର୍ମ ଦ୍ୱାରା କଷ୍ଟ ଦେବା ଅନୁଚିତ। କିନ୍ତୁ ହିଂସାର କାର୍ଯ୍ୟ ଅନ୍ୟ ପ୍ରତି କଟୁ ବଚନ, ଅନିଷ୍ଟ ଚିନ୍ତନ ଓ ବିନାଶ କରିବା ଅନ୍ତର୍ଭୁକ୍ତ। ପରନ୍ତୁ ଏହାର ବିପରୀତ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ସେହି ଏକା ଈଶ୍ୱରୀୟ ସତ୍ତାକୁ ଦେଖିବା ଏବଂ ସେମାନଙ୍କ ପ୍ରତି ଦୟା ଓ କରୁଣା ଭାବ ରଖିବା ହିଁ ପ୍ରକୃତ ଅହିଂସା। ଯାହା ଋଗବେଦ, ଧର୍ମ ଶାସ୍ତ୍ର ଓ ପୌରାଣିକାଦି ଗ୍ରନ୍ଥରେ କୁହାଯାଇଛି, ଯେ ସମସ୍ତ ପ୍ରାଣୀ ଏକ ପରମାତ୍ମାଙ୍କ ସନ୍ତାନ ଅଟନ୍ତି। ତେଣୁ ଅନ୍ୟକୁ କଷ୍ଟ ଦେବା ଅର୍ଥ ନିଜକୁ କଷ୍ଟ ଦେବା ସହ ସମାନ ଅଟେ।

'ମା ହିଂସ୍ୟାତ୍ ସର୍ବଭୂତାନି ' ଏହି ବାକ୍ୟକୁ ସ୍ପଷ୍ଟ କରିବାକୁ ଯାଇ ଶ୍ରୀମଦ୍ ଭଗବଦ୍ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି: ସଂନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ । ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ।। ଅର୍ଥାତ୍ ଯେଉଁମାନେ ଅଚଳ ରୂପରେ, ମନ ଓ ବୁଦ୍ଧିକୁ ନିୟନ୍ତ୍ରିତ କରି ସର୍ବତ୍ର ସମଭାବାପନ୍ନ ହୋଇ, ଉପାସନା କରନ୍ତି, ସେମାନେ ସମସ୍ତ ପ୍ରାଣୀଙ୍କର କଲ୍ୟାଣ ସାଧନ କରିବା ସହିତ ମୋତେ ପ୍ରାପ୍ତ କରନ୍ତି । ସେ'ପରି ମହାଭାରତରେ 'ଅହିଂସା ପରମୋ ଧର୍ମଃ ' ଏଂ ବୁଦ୍ଧ ଓ ଜୈନ ଧର୍ମରେ ଅହିଂସାକୁ ଜୀବନର ମୂଳମନ୍ତ୍ର ଭାବେ ଗ୍ରହଣ କରାଯାଇଛି। 'ସ୍ୱଭୂତ ହିତେ ରତଃ ' କେବଳ ମଣିଷ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ପଶୁପକ୍ଷୀ, ଗଛଲତା ଏବଂ ସମଗ୍ର ଜୀବଜଗତର କଲ୍ୟାଣ ପାଇଁ ପ୍ରେରଣା ଦିଏ । ଯେତେବେଳେ ଜଣେ ବ୍ୟକ୍ତି ନିଜ ସ୍ୱାର୍ଥରୁ ଊର୍ଦ୍ଧ୍ୱକୁ ଉଠି ଅନ୍ୟର ସେବା କରେ, ସେତେବେଳେ ତା'ର ଅନ୍ତରାତ୍ମା ଶୁଦ୍ଧ ହୋଇଯାଏ । ବିଶ୍ୱର ପ୍ରତ୍ୟେକ ଧର୍ମରେ ' ସେବା ହିଁ ପରମ ଧର୍ମ ' କୁ ପ୍ରାଧାନ୍ୟ ଦିଆଯାଇଛି। ସ୍ୱାମୀ ବିବେକାନନ୍ଦ କହିଥିଲେ, ' ଜୀବେ ସେବା କରେ ଯେଉଁ ଜନ, ସେଇ ଜନ ସେବେ ଈଶ୍ୱର ତନ ' । ଏହି ମନ୍ତ୍ରକୁ ପାଳନ କଲେ ହିଁ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

'ସ୍ୱଭୂତ ହିତେ ରତଃ ' କେବଳ ଏକ ବାକ୍ୟ ନୁହେଁ, ଏହା ଏକ ଜୀବନଶୈଳୀ । ଆମର ପ୍ରତ୍ୟେକ କାର୍ଯ୍ୟ ଯଦି ଅନ୍ୟର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ହୁଏ, ତେବେ ପୃଥିବୀ ଏକ ସୁନ୍ଦର ସ୍ଥାନରେ ପରିଣତ ହୋଇପାରିବ। ଆଜିର ସ୍ୱାର୍ଥପର ଦୁନିଆରେ, ଯେଉଁଠି ଯୁଦ୍ଧ, ଆତଙ୍କବାଦ ଏବଂ ପରିବେଶ ପ୍ରଦୂଷଣ ବଢିବାରେ ଲାଗିଛି, ସେଠାରେ ' ମା ହିଂସ୍ୟାତ୍ ସର୍ବଭୂତାନି ' ର ମନ୍ତ୍ର ଅତ୍ୟନ୍ତ ଜରୁରୀ ମନେହୁଏ। ଯଦି ଆମେ ପ୍ରତ୍ୟେକ ଜୀବଜନ୍ତୁ ଓ ବୃକ୍ଷଲତାଙ୍କୁ ହିଂସା ନକରି ସୁରକ୍ଷା ଦେବା, ତେବେ ପୃଥିବୀର ପରିବେଶ ସନ୍ତୁଳିତ ହେଇପାରିବ। ଯେବେ ମଣିଷ ପରସ୍ପର ପ୍ରତି ହିଂସା ତ୍ୟାଗ କରିବ, ତେବେ ବିଶ୍ୱରୁ ଯୁଦ୍ଧ ଓ ଅଶାନ୍ତି ଦୂରେଇ ଯିବ। ଆଧ୍ୟାତ୍ମିକ ବିକାଶର ଅହିଂସା ମାର୍ଗରେ ଚାଲିଲେ ମନରେ ଶାନ୍ତି ମିଳେ ଏବଂ ମଣିଷ ଈଶ୍ୱରଙ୍କ ନିକଟତର ହୁଏ । 'ମା ହିଂସ୍ୟାତ୍ ସର୍ବଭୂତାନି' କେବଳ ଏକ ଧାର୍ମିକ ସ୍ଲୋଗାନ ନୁହେଁ, ବରଂ ଏହା ଏକ ଜୀବନ ଶୈଳୀ। ଯଦି ଆମେ ସମସ୍ତେ ସମସ୍ତ ପ୍ରାଣୀଙ୍କୁ ନିଜ ଭଳି ସ୍ନେହ କରିବା, ତେବେ ଏହି ଧରଣୀ ଏକ ସୁନ୍ଦର ସ୍ୱର୍ଗରେ ପରିଣତ ହୋଇ ପାରିବ।

**ଖଜ୍ଞେଶ୍ୱରୀ ପାଟଣା, ଆସିକା ଗଞ୍ଜାମ। ମୋ:୯୮୬୧୩୩୪୮୬୮**

# ମାନବୀୟ ବା ସାଂସ୍କୃତିକ ପରିବେଶ



ପ୍ରକୃତି ଓ ପରିବେଶ ପରସ୍ପର ଓତପ୍ରୋତ ଭାବେ ଜଡ଼ିତ। ପରିବେଶ କହିଲେ ସାଧାରଣତଃ ଆମ ଚତୁଃପାର୍ଶ୍ୱରେ ଘେରି ରହିଥିବା ପ୍ରାକୃତିକ ଓ କୃତ୍ରିମ ଉପାଦାନ ସମୂହକୁ ବୁଝାଏ, ଯାହା ଆମ ଜୀବନକୁ ପ୍ରଭାବିତ କରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ। ଏହା ପ୍ରାକୃତିକ ଓ ମାନବୀୟ ଭେଦରେ ଦ୍ୱିବିଧ। ସଭ୍ୟତା ଆରମ୍ଭରେ ମଣିଷ ପ୍ରକୃତିର ଦୟାରେ ବଞ୍ଚିଥିଲା ଏବଂ ସେତେବେଳେ ପରିବେଶ ଥିଲା ସମ୍ପୂର୍ଣ୍ଣ ପ୍ରାକୃତିକ। ସମୟକ୍ରମେ ପ୍ରକୃତିକୁ ଅଧିକ ଜୀବନୋପଯୋଗୀ କରିବା ଲକ୍ଷ୍ୟରେ ମଣିଷ ନିଜର ବୁଦ୍ଧି ଓ ଜ୍ଞାନ ବଳରେ ସେଥିରେ କିଛି ପରିବର୍ତ୍ତନ ଆଣିଲା, ଯାହାକୁ କୁହାଗଲା ମାନବୀୟ ବା ସାଂସ୍କୃତିକ ପରିବେଶ। ଅନ୍ୟପକ୍ଷରେ ଜଳ,ସ୍ଥଳ, ବାୟୁ, ଉଦ୍ଭିଦ ଓ ପ୍ରାଣିଜଗତ ଇତ୍ୟାଦିକୁ ଆମେ ପ୍ରାକୃତିକ ପରିବେଶ ବୋଲି କହୁ, ଯାହା ମଣିଷର ସୁରକ୍ଷା କବଚ। ଜର୍ମାନ ବୈଜ୍ଞାନିକ ହେକଲଙ୍କ ଭାଷାରେ ପରିବେଶ ହେଉଛି ମଣିଷର 'ଜୀବନ ଗୃହ'। ମଣିଷ ଯେମିତି ତା'ର ଗୃହକୁ ନିଜର ଭାବି ଯତ୍ନର ସହିତ ବ୍ୟବହାର କରେ, ସେମିତି ପରିବେଶ ସୁରକ୍ଷା ପ୍ରତି ଧ୍ୟାନଦେବା ତା'ର ଦାୟିତ୍ୱ। ପ୍ରକୃତି ଓ ପରିବେଶ ସହିତ ଭାରତୀୟ ସଂସ୍କୃତି ଓ ପରମ୍ପରାର ସମ୍ପର୍କ ବହୁ ପ୍ରାଚୀନ। ଭାରତୀୟ ଦର୍ଶନ ଅନୁସାରେ ପ୍ରକୃତି ଆମ ଅସ୍ତିତ୍ୱର ଅବିଚ୍ଛେଦ୍ୟ ଅଂଶ। ଆମ ପାରିବେଶିକ ଓ ସାଂସ୍କୃତିକ ଜୀବନକୁ ଶୃଙ୍ଖଳିତ କରିବା ପାଇଁ ଯାହା ସବୁ ଆବଶ୍ୟକ, ତାହା ସ୍ପଷ୍ଟ ଭାବରେ ବର୍ଣ୍ଣିତ ହୋଇଛି ବେଦ, ଉପନିଷଦ ଓ ପୁରାଣ ଶାସ୍ତ୍ରରେ। ତେଣୁ ପ୍ରକୃତି ଚକ୍ରରେ ଆଗେ ନ ଥିଲା ପ୍ରଦୂଷଣର ଚିହ୍ନ। ପ୍ରକୃତି ସହିତ ଆମ ପୂର୍ବଜମାନେ ଏକ ପ୍ରଦୂଷଣ ମୁକ୍ତ ନିରାମୟ ଜୀବନ ବଞ୍ଚୁଥିଲେ ଏବଂ ପରିବେଶକୁ ସୁସ୍ଥ ରଖିବା ଦିଗରେ ଯଥେଷ୍ଟ ଗୁରୁତ୍ୱ ବହନ କରିଥିଲା ଆମ ଯୌଥ ପରିବାର। ପରିବାର ହେଉଛି ସମାଜର ସବୁଠାରୁ କ୍ଷୁଦ୍ରତମ ଏକକ ତଥା ପ୍ରାଚୀନତମ ଅନୁଷ୍ଠାନ, ଯାହା ବୃହତ୍ତର ଓ ବିଶ୍ୱବ୍ୟାପୀ। ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି କୌଣସି ନା କୌଣସି ପରିବାରର ସଦସ୍ୟ। ପରିବାରର ସମ୍ପ୍ରସାରଣରୁ ସମାଜ ଓ ରାଷ୍ଟ୍ରର ସୃଷ୍ଟି। ପରିବାର ଦ୍ୱାରା ନିୟନ୍ତ୍ରିତ ହୁଏ ବ୍ୟକ୍ତିର ଅଭିବୃଦ୍ଧି ଓ ସାମାଜିକ ବିକାଶ। ସେଥିପାଇଁ କୁହାଯାଏ ପରିବାର ହେଉଛି ଶିଶୁର ପ୍ରଥମ ବିଦ୍ୟାଳୟ ଓ ମା' ହେଉଛି ପ୍ରଥମ ଶିକ୍ଷୟିତ୍ରୀ। ବେଦରେ ପରିବାରକୁ ସ୍ୱର୍ଗ ବୋଲି କୁହାଯାଇଛି, ଯାହା ସମସ୍ତ ଦିବ୍ୟ ଗୁଣର ପ୍ରୟୋଗଶାଳା। ଭକ୍ତକବି ମଧୁସୂଦନ ରାଓଙ୍କ ଭାଷାରେ -'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,ପରସ୍ପର ଥାଏ ଯହିଁ ସ୍ନେହ ନିରନ୍ତର'। ଅର୍ଥାତ୍ ପରସ୍ପର ମଧ୍ୟରେ ନୈତିକ ଓ ଆଧ୍ୟାତ୍ମିକ ମିଳନ ହିଁ ପରିବାର। ଏହି ଦୃଷ୍ଟିରୁ ଏକାନ୍ନବର୍ତ୍ତୀ ପରିବାର ଥିଲା ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ। ଆମ ଏକାନ୍ନବର୍ତ୍ତୀ ବା ଯୌଥ ପରିବାର ପରମ୍ପରାକୁ ପରିପୁଷ୍ଟ କରିଥିଲା ଶୃଙ୍ଖଳା ଓ ସଦ୍ଭାବନା। ଗୋଟିଏ ଛାତ ତଳେ ହସଖୁସିରେ ରହୁଥିଲେ ଜେଜେବାପା, ଜେଜେମା, ବାପା, ମା', ବଡବାପା, ବଡମା',ଦାଦା,ଖୁଡୀ ଓ ଅଧଡଜନେରୁ ଅଧିକ ସାନବଡ଼ ଭାଇ ଭଉଣୀ ଆଦି ତିନି ପିଢ଼ିର ମଣିଷ । ଏ ଲେଖକ ଭଳି ଯେଉଁମାନଙ୍କ ବାଲ୍ୟ ଓ କୈଶୋର ଯୌଥ ପରିବାର ଭିତରେ କଟିଛି, ସେମାନଙ୍କ ସ୍ମୃତିପଟରେ ସାଇତା ହୋଇ ରହିଥିବ ଭାଇ ଭଉଣୀ ଓ ଅନ୍ୟମାନଙ୍କ ସହିତ ଗୋଟିଏ କଂସାରେ ପଖାଳ ଖାଇବାର ଅନୁଭୂତି। ଜେଜେବାପା ଥିଲେ ଘରର ମୁରବି ତଥା ନୈତିକତାର ପ୍ରହରୀ। ଗପ କହିବା ଛଳରେ ଆମ ଆଗରେ ବଖାଣୁଥିଲେ ମାଟି,ପାଣି, ପବନ ଆଦି ପଞ୍ଚଭୂତର ମହାତ୍ମ୍ୟ। ସଞ୍ଜ ହେଲେ ଘରେ ପଢାଯାଉଥିଲା ରାମାୟଣ, ମହାଭାରତ ଓ ଭାଗବତ ଆଦି ପୁରାଣ। ସେଥିରେ ଥିଲା ପ୍ରକୃତି ଓ ପରିବେଶର ସୁରକ୍ଷା ନିମନ୍ତେ ଅନେକ ଭାବାତ୍ମକ ପରାମର୍ଶ। ତା'ର ପ୍ରଭାବରେ ତୁଳସୀ ଓ ବେଲ ଆଦି ବୃକ୍ଷ ପ୍ରତି ଭକ୍ତିଭାବ ସୃଷ୍ଟି ହେବା ସହିତ ବୃକ୍ଷରୋପଣ ପ୍ରତି ବଢୁଥିଲା ଆଗ୍ରହ। ସେଥିପାଇଁ ସବୁଜିମାରେ ଭରିଉଠିଥିଲା ପରିବେଶ। ଧର୍ମ ଅର୍ଜନ ପାଇଁ କିଏ ରାସ୍ତା କଡ଼ରେ ବୃକ୍ଷ ରୋପଣ କରୁଥିଲା ତ କିଏ ସର୍ବସାଧାରଣ ଜାଗାରେ ଖୋଳାଉଥିଲା ଜଳାଶୟ। ମାଟିକୁ ସମସ୍ତେ ମା' ବୋଲି ବିବେଚନା କରୁଥିଲେ ଏବଂ ତା'ର ଆରାଧନା ପାଇଁ ଶ୍ରଦ୍ଧା ଓ ଭକ୍ତିରେ ପାଳୁଥିଲେ ଅନେକ କୃଷିଭିତ୍ତିକ ପର୍ବ। ଗୋପାଳନ ଥିଲା ଗ୍ରାମ ସଂସ୍କୃତିର ଏକ ପ୍ରଧାନ ଅଙ୍ଗ। ଶାସ୍ତ୍ରରେ ଗୋମାତାଙ୍କୁ ପରିବେଶ ସୁରକ୍ଷାର ପ୍ରହରୀ ବୋଲି କୁହାଯାଇଛି ଏବଂ ଗୋ-ଆଧାରିତ ଚାଷକୁ ନେଇ ପରିପୁଷ୍ଟ ହୋଇଛି ଭାରତର ଅର୍ଥନୀତି।





# ୨୫୦ ନୂତନ ଆମ୍ବୁଲାନ୍ସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାର କୋଣ-ଅନୁକୋଣରେ ଉନ୍ନତ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ୨୫୦ଟି ନୂତନ ଆମ୍ବୁଲାନ୍ସର ଶୁଭାରମ୍ଭ କରିଛନ୍ତି । ମିଳିଥିବା ସୂଚନା ମୁତାବକ ରାଜ୍ୟ ସରକାର ୧୧୧ କୋଟି ଟଙ୍କା ବିନିଯୋଗରେ ୪୨୮ ଟି ନୂତନ ଆମ୍ବୁଲାନ୍ସ ଜରୁରୀକାଳୀନ ସେବାରେ ଯୋଡିବାକୁ ନିଷ୍ପତ୍ତି ନେଇଥିଲେ । ଏହି କ୍ରମରେ ପ୍ରଥମ ପର୍ଯ୍ୟାୟରେ ୧୫୦ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇସାରିଥିବା ବେଳେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫୦ଟି ନୂତନ ଆମ୍ବୁଲାନ୍ସର ଲୋକାର୍ପଣ କରାଯାଇଛି ।

ଏଥିରେ ବିମାନବନ୍ଦର ନିମନ୍ତେ ୫ଟି ଓ ଝାରସୁଗୁଡା ସ୍ଥିତ କାର୍ଡିଆକ କେୟାର ହସ୍ପିଟାଲ ନିମନ୍ତେ ୨ଟି ଅତ୍ୟାଧୁନିକ ଲାଇଫ ସପୋର୍ଟ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି । ପ୍ରତି ଆମ୍ବୁଲାନ୍ସ ପିଛା ୨୫.୭୭ ଲକ୍ଷ ଟଙ୍କା ହିସାବରେ ୪୨୮ଟି ଆମ୍ବୁଲାନ୍ସ ପାଇଁ ୧୧୧ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ବିନିଯୋଗ କରିଛନ୍ତି । ଉଲ୍ଲେଖ ଥାଉ କି ୧୦୮ ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଓଡ଼ିଶାରେ ୨୦୧୩ ମସିହାରେ ଆରମ୍ଭ ହୋଇଥିଲା । ବର୍ତ୍ତମାନ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ମୋଟ ୮୬୬ଟି ଆମ୍ବୁଲାନ୍ସ ଲୋକଙ୍କ ସେବାରେ ନିୟୋଜିତ ଅଛି ।



ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଅତି କମ୍ ସମୟ ମଧ୍ୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇବା ସହ ଚିକିତ୍ସା ଅଭାବରୁ ହେଉଥିବା ମୃତ୍ୟୁ ହାର କମ୍ କରିବା ଆମର ଲକ୍ଷ୍ୟ। ବିପଦ ସମୟରେ ଏହି ଆମ୍ବୁଲାନ୍ସଗୁଡ଼ିକ ଲୋକଙ୍କ ପାଇଁ ଏକ ଭରସାଯୋଗ୍ୟ 'ଜୀବନରେଖା' ସାଜିବେ। ସଶକ୍ତ ଓ ସୁରକ୍ଷିତ ଓଡ଼ିଶା ଗଠନ ଦିଗରେ ଆମର ଏହି ପ୍ରୟାସ ନିରନ୍ତର ଜାରି ରହିବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ ଲାଇଫ୍ ସପୋର୍ଟ ବା (**ALS**) ଆମ୍ବୁଲାନ୍ସ ଏବଂ ଝାରସୁଗୁଡା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ଇଖଝ ଆମ୍ବୁଲାନସ ବର୍ତ୍ତମାନ ନିୟୋଜିତ ଅଛି। ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ସଦସ୍ୟାଙ୍କ ଲକ୍ଷାଧିକ ଟଙ୍କା ହଡପ

## ମିଶନଶକ୍ତି ଏମବିକେଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି



ଖଣ୍ଡପଡ଼ା : ଖଣ୍ଡପଡ଼ା ବ୍ଲକ ଅଧିନ ଗୁଣ୍ଠୁଣି ପଞ୍ଚାୟତ ଦାୟୀତ୍ୱରେ ଥିବା ଏମବିକେ ଶୈଳବାଳା ବେହେରା ଦୀର୍ଘ ୯ମାସ ହେବ ମହାସଂଘର ସମସ୍ତ ପାସବୁକ, ରିଜୋଲ୍ୟୁସନ ବହି ଓ ଆନୁଷଙ୍ଗିକ କାଗଜପତ୍ର ନିଜ ଅକ୍ତିଆରରେ ରଖି କାହାରିକୁ ହିସାବ ନଦେବା ସହ ଲକ୍ଷାଧିକ ଟଙ୍କା ହଡପ କରିଥିବା ନେଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହିଳା ଗୋଷ୍ଠୀର ସଦସ୍ୟା ମାନେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ମହିଳାମାନେ ଏ ସଂପର୍କରେ ମିଶନ ଶକ୍ତି ବିପିସିଙ୍କୁ ଭେଟି ଅଭିଯୋଗ କରିବାରେ ସମସ୍ତଙ୍କ ଉପସ୍ଥିତିରେ ଟଙ୍କା ହଡପ କରିଥିବା ଏମବିକେ ଓ ଅଭିଯୋଗ ଉଠାଇ ଥିବା ମହିଳାମାନଙ୍କ (ଇସି ସଦସ୍ୟା) ସମସ୍ତ ବ୍ୟାଙ୍କ କାଗଜପତ୍ର ଯାଞ୍ଚ କରାଯାଇଥିଲା। ବିଦ୍ଧିବଦ୍ଧ ଭାବେ ଯାଞ୍ଚ ପରେ ସର୍ବମୋଟ ୧୩ ଲକ୍ଷ ୨ହଜାର୮୧୭ ଟଙ୍କା ଏମବିକେ ଓ ତାଙ୍କ ସ୍ୱାମୀ ବିଭିନ୍ନ ସଂଘ ଆକାଉଣ୍ଟରେ ଜମା ନକରି ହଡପ କରିଥିବା ଜଣାପଡିଥିଲା।ତେବେ ପ୍ରଶାସନିକ ଅଧିକାରୀ ମାନଙ୍କ ତାଗିଦ ପରେ ଏମବିକେ ଓ ତାଙ୍କ ସ୍ୱାମୀ ହଡପ କରିଥିବା ଟଙ୍କା ବାବଦ ରେ ଅଦ୍ୟାବଧି ୬ ଲକ୍ଷ ୭୯ ହଜାର୮୦୩ ଟଙ୍କା ସଂଘ ଆକାଉଣ୍ଟରେ ଜମା କରିଥିବା ନେଇ ଅଭିଯୋଗ ଉଠାଇଥିବା ମହିଳା ସଦସ୍ୟ ମାନଙ୍କ ସୂତ୍ରରୁ ଜଣାପଡିଛି। ତେବେ ବକେୟା ଟଙ୍କା ଦେବା ପାଇଁ ସଂପୃକ୍ତ ଏମବିକେ ଓ ତାଙ୍କ ସ୍ୱାମୀ ଆଉ ଧରାଛୁଆଁ ଦେଉନଥିବାରୁ ମହିଳାମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏ ସଂପର୍କରେ ପୁନର୍ବାର ଖଣ୍ଡପଡ଼ା ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି । ଅପରପକ୍ଷେ ଟଙ୍କା ହଡପ କରିଥିବା ଏମବିକେ ଓ ତାଙ୍କ ସ୍ୱାମୀ ଏବେ ଗାଁ ଛାଡ଼ି ଅନ୍ୟତ୍ର ରହୁଥିବା ଜଣାପଡିଛି । ତୁରନ୍ତ ହଡପ ହୋଇଥିବା ବକେୟା ଅର୍ଥ ଏମବିକେ ଓ ତାଙ୍କ ସ୍ୱାମୀ ପ୍ରଦାନ ନକଲେ ବାଧ୍ୟ ହୋଇ ମହିଳା ସଦସ୍ୟା ମାନେ ଏମବିକେ ଓ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ ଅଦାଲତର ଦ୍ୱାରସ୍ଥ ହେବେ ବୋଲି ଗଣମାଧ୍ୟମର ପ୍ରତିନିଧିମାନଙ୍କ ଆଗରେ ମହିଳାମାନେ ପ୍ରକାଶ କରିଛନ୍ତି। ଏ ସଂପର୍କରେ ଖଣ୍ଡପଡ଼ା ବ୍ଲକ ବିପିସି ଦିଲ୍ଲୀପ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗର ସତ୍ୟତା ଥିବା ନେଇ ସେ ସୂଚନା ଦେବା ସହ ଖୁବ ଶୀଘ୍ର ପୁରା ଘଟଣାର ପର୍ଦ୍ଦାଫାସ ହେବ ବୋଲି ସେ କହିଛନ୍ତି। ଟଙ୍କା ହଡପ ଘଟଣାରେ ସଂପୃକ୍ତ ଦୋଷୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିପିସି ସୂଚନା ଦେଇଛନ୍ତି ।

# ମାଦଳ ବାଜିରେ ଉଦଘାଟିତ ହେଲା ମାଲ୍ୟବନ୍ତ ମହୋତ୍ସବ

## ➘ପ୍ରଥମ ଓ ଦ୍ୱିତୀୟ ସନ୍ଧ୍ୟାରେ ଗୋଟିପୁଅ ଓ ଓଡିଶୀ ନୃତ୍ୟ

## ➘ବିଭିନ୍ନ କଳାକାରଙ୍କ ସୁମଧୁର ସଙ୍ଗୀତ ଦର୍ଶକଙ୍କ ମନ ମୋହିଲା

ମାଲକାନଗିରି : ମାଲକାନଗିରି ଜିଲ୍ଲା ରେ ଆଦିବାସୀ କଳାସଂସ୍କୃତିକୁ ବଚାଇରଖି ଦେଶବିଦେଶରେ ପ୍ରଚାର କରିବାସହିତ ରାଜ୍ୟ ଓ ଦେଶ ବାହରର କଳାକାରମାନଙ୍କ କଳାଚାତୁରି କୁ ଜାଣିବାପାଇଁ ମାଲ୍ୟବନ୍ତ ମହୋତ୍ସବ ଆଜି ସଂନ୍ଧ୍ୟାରେ ମାଦଳ ବାଜିଛି ମାଲ୍ୟବନ୍ତ ରେ ଆଜି ସଂନ୍ଧ୍ୟାରେ ଡିଏନକେ ମୈଦାନ ମାଲ୍ୟବନ୍ତ ମଣ୍ଡପ ସହିଦ ତାମା ଦୋରା ମଞ୍ଚ ରେ ଜିଲ୍ଲାସଂସ୍କୃତିପରିଷଦ ସଭାପତି ତଥା ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟୟ ଙ୍କ ଅଧ୍ୟକ୍ଷତାରେ ପ୍ରଥମ ଦିବସର ଉଦଘାଟନି ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି,ସମ୍ମାନୀତ ଅତିଥି ଭାବେ ଏସପି ବିନୋଦ ପାଟିଲ ଏଚ, ଡିଏଫଓ ସାଇ କିରନ ଡିଏନ, ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦେଇ ପ୍ରଥମେ ମଣ୍ଡପ ନିକଟରେ ପ୍ରତିଷ୍ଠିତ ଜଗନ୍ନାଥଙ୍କ ପ୍ରତି ମୂର୍ତ୍ତୀ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ନଡିଆଭାଙ୍ଗି ମାଲ୍ୟବନ୍ତ ମହୋତ୍ସବକୁ ଉଦଘାଟନ କରିଥିଲେ। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା କେଉଁଗୁଣରେ କମ ନୁହଁ, ଏଠାକାର ଐତିହ୍ୟ, ପରମ୍ପରା, କଳସଂସ୍କୃତି, ଜୀବନଧାରାର ନିଛକ ପ୍ରତି ଛବି ହେଉଛି ମାଲ୍ୟବନ୍ତ ମହୋତ୍ସବ ବୋଲି ଅତିଥି ମାନେ କହିଥିଲେ। ଅତିଥି ମାନେ ମାଲ୍ୟବନ୍ତ ମଣ୍ଡପ ପଡିଆରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ ଓ ଉନ୍ନୟନ ପ୍ରଦର୍ଶନୀ ବୁଲିଦେଖିଥିଲେ। ଜିଲ୍ଲାସୁଚନା ଲୋକ ସଂପର୍କ ଅଧିକାରୀ ପ୍ରମିଳା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଦ୍ୱିତୀୟ ସନ୍ଧ୍ୟାରେ ଦର୍ଶକ ମାନେ ବିହୁ, ସମ୍ବଲପୁରୀ, ଲବଣୀ ନୃତ୍ୟ, ମାଲଖମ୍ବ ଭଳି ବିଭିନ୍ନ କାର୍ଯ୍ୟକ୍ରମର ଭରପୁର ମଜା ନେଇଥିଲେ। ଏହାପରେ କଳାକାର ଶୈଳେନ୍ଦ୍ର ଓ ଗାୟିକା ଦୀପ୍ତିରେଖା ଦର୍ଶକଙ୍କୁ ମତୁଆଲା କରାଇବା ସହ ନଚାଇଥିଲେ। ସିଠୁଆ ସନ୍ଧ୍ୟାରେ ଦର୍ଶକ ମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଭରପୁର ମଜା ଉଠାଇ ଥିଲେ। ତେବେ ଆୟୋଜିତ ଏହି ଦ୍ୱିତୀୟ ଦିବସ ସନ୍ଧ୍ୟାରେ ଅତିଥି ଭାବେ ଜିଲ୍ଲା ପରିଷଦ ଉପଧକ୍ଷ ପତିତ ପାବନ ବୈଦ୍ୟ, ସମସ୍ତ ବ୍ଲକ ଚେୟାର ମ୍ୟାନ, ମାଲକାନଗିରି ପୌର ଅଧକ୍ଷ ମନୋଜ କୁମାର ବାରିକ ଓ ବାଲିମେଳା ନଗର ଅଧକ୍ଷ ପ୍ରଦୀପ ନାୟକ ମଞ୍ଚାସୀନ ହୋଇଥିଲେ। ତେବେ ଏହି ଅବସରେ ମାଲ୍ୟବନ୍ତ ପଡିଆରେ ଖୋଲା ଯାଇଥିବା ୧୨୦ଟି ବିଭିନ୍ନ ଦୋକାନ ଓ ପ୍ରଦର୍ଶନୀର ଭରପୁର ମଜା ନେଇଥିଲେ ଦର୍ଶକ। ତେବେ ଦର୍ଶକଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ମାଲ୍ୟବନ୍ତ ମଣ୍ଡପ ସହିତ ଜିଲ୍ଲାରେ କଡା ପୁଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ସହ ଟ୍ରାଫିକ ବ୍ୟବସ୍ତାରେ ମଧ ବ୍ୟାପକ ପଦକ୍ଷେପ ନିଆଯାଇଛି।





# ରାଜ୍ୟ ଖବର



## ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ପ୍ରତିବାଦରେ ବିଜେଡିର ଗର୍ଜନ ସମାବେଶ

# ପୁଞ୍ଜିପତିଙ୍କୁ ଟିକସ ଛାଡ଼ ଓ ଚାଷୀଙ୍କ ପ୍ରତି ଉପହାସ ଚଳିବ ନାହିଁ: ବିଜେଡି

ବରଗଡ଼:ଜିଲ୍ଲା ବିଜେଡ଼ି ପକ୍ଷରୁ ଦାବିପତ୍ର ପ୍ରଦାନ ଚଳିତ ଖରିଫ ବିପଣନ ଋତୁ ୨୦୨୫-୨୬ ରେ ଖରିପ ଧାନ ସଂଗ୍ରହ ପ୍ରକ୍ରିୟା ରେ ରାଜ୍ୟ ସରକାର ଫେଲ୍ ମାରିଥିବାରୁ ଜିଲ୍ଲା ରେ ଚାଷୀ ଭାଇମାନେ ଧାନ ବିକିବା ପାଇଁ ବହୁ ଅସୁବିଧା ର ସମ୍ମୁଖୀନ ହେଉଥିବା ବେଳେ ଡବଲ ଇଞ୍ଜିନ ସରକାର ପୁଞ୍ଜିପତି ଙ୍କୁ ଅନୁକମ୍ପା ପ୍ରଦର୍ଶନ କରି ଟିକସ ଛାଡ଼ କରି ଚାଷୀ ଙ୍କୁ ଉପହାସ କରି ଚାଲିଛି ଏଥିସହିତ ଜିଲ୍ଲାରେ ଦିନକୁ ଦିନ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତି ର ଅଧୋଗତି ର ତୁରନ୍ତ ସମାଧାନ ଦାବୀ ରେ ବରଗଡ଼ ଜିଲ୍ଲା ବିଜେଡି ପକ୍ଷରୁ ମହାମହିମ ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ବରଗଡ଼ ଜିଲ୍ଲାପାଳ ଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି ।ଜିଲ୍ଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର ଙ୍କ ସଂଯୋଜନା ରେ ବିରୋଧୀ ଦଳ ଉପ ନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଉପସ୍ଥିତ ରହି ରାଜ୍ୟ ରେ ବହୁ ଚାଷୀ ପଞ୍ଜୀକୃତରୁ ବଞ୍ଚିତ ଥିବା ସତ୍ୱେ ୧୯ ଲକ୍ଷ ୬୬ ହଜାର ୧୮୧ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଫେବୃୟାରୀ ୧ ତାରିଖ ପର୍ଯ୍ୟନ୍ତ ମାତ୍ର ୭ ଲକ୍ଷ ୯୫ ହଜାର ୨୪୪ ଜଣ ଚାଷୀ ଙ୍କ ଧାନ କିଣା ଯାଇଥିବା ଉଲ୍ଲେଖ କରି ସେଥି ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୩ ଲକ୍ଷ ୨୭୫ ଚାଷୀ ଙ୍କ ପେମେଣ୍ଟ ସରକାର କରି ଥିବା ବେଳେ ଅନ୍ୟ ମାନଙ୍କ ପେମେଣ୍ଟ ବର୍ତ୍ତମାନ ସୁଦ୍ଧା ମିଳି ନ ଥିବା ଉଲ୍ଲେଖ କରି ରାଜ୍ୟ ସରକାର ଙ୍କ ଧାନ କିଣା ର ଅସଲ ଚିତ୍ର ଭାରତ ସରକାରଙ୍କ ତଥ୍ୟ ଓ ରିପୋର୍ଟ ଆଧାରରେ ଉଲ୍ଲେଖ କରିଥିଲେ । ତେବେ ସବୁ ଚାଷୀ ଙ୍କ ଧାନ କିଣିବାକୁ ବାହସ୍ଫୋଟ ମାରିଥିବା ଅପାରଗ ସରକାର ବଳକା ପଞ୍ଜୀକୃତ



୧୧ ଲକ୍ଷ ରୁ ଉର୍ଦ୍ଧ୍ୱ ଚାଷୀ ଧାନ କେବେ କିଣିବେ ବୋଲି ରାଜ୍ୟ ସରକାର ଙ୍କୁ ଜବାବ ମାଗିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ ଉପ ସଭାପତି ଦେବୀ ପ୍ରସାଦ ମିଶ୍ର, ବିଧାୟକ କଳିକେଶ ସିଂ ଦେଓ ପଦ୍ମ ପୁର ବିଧାୟକ ବର୍ଷା ସିଂ ବରିହା,ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ,ପୂର୍ବତନ ମନ୍ତ୍ରୀ ରୀତା ସାହୁ,ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ,ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ ,ବରିଷ୍ଠ ନେତା ଗୌର ହରି ମିଶ୍ର,ସୁଶାନ୍ତ ମିଶ୍ର,ସୁବ୍ରତ ସିଂ କିଶୋର ମିଶ୍ର ବରଗଡ଼ ଟାଉନ ସଭାପତି ଅନୁପ ଶତପଥୀ,ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ,ରାଜେଶ୍ ଅଗ୍ରୱାଲ,ରାଜୁ ଘିବେଲା,କିଶୋର ଦେବତା,କମଳ ତାଣ୍ଡି,ଜିତୁ ଭୋଇ,ସୁବ୍ରତ ବେହେରା,କୀର୍ତ୍ତି ଚନ୍ଦ୍ର ଦୁଆଁନ ,ନିତ୍ୟାନନ୍ଦ ପ୍ରଧାନ ଉମାଚରନ୍ ରାଉତ ଗଣେଶ ସାହୁ ,ନରେନ୍ଦ୍ର ପ୍ରଧାନ,ଦେବାନନ୍ଦ ଗଡ ତୀଆ, ସୁପ୍ରଭା ମହାଲିଂ,ମୀନାକ୍ଷୀ ମିଶ୍ର,ମୋହନ ଲୁହା, ହରିଶଙ୍କର ବେହେରା ପ୍ରମୁଖ ଙ୍କ ସମେତ ବହୁ ବିଜେଡି ନେତୃ ମଣ୍ଡଳୀ ଜିଲ୍ଲା ପାଳ ଅଫିସ ଘେରାଉ କରିବା ସହ ଜିଲ୍ଲା ପାଳ ଙ୍କ କାର୍ଯ୍ୟାଳୟ ନିକଟ ରେ ବିଜେଡି ଚାଷୀ ଙ୍କ ହକ ପାଇଁ ଗର୍ଜନ କରିଛି ।ତେବେ ଗତ ୬ ତାରିଖ ରୁ ଆରମ୍ଭ ହୋଇଥିବା ଏହି ଚେତାବନୀ ସମାବେଶ ପ୍ରତି ଜିଲ୍ଲା ରେ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ୨୪ ତାରିଖ ରେ ରାଜ୍ୟ ରାଜଧାନୀ ରେ ବିଜେଡି ସରକାର ଙ୍କୁ ଚରମ ଚେତାବନୀ ପ୍ରଦାନ କରିବ ବୋଲି ଉପ ସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ପ୍ରଦାନ କରିଥିଲେ ।ଚାଷୀ ଙ୍କ ପ୍ରମୁଖ ଦାବି ମଧ୍ୟରେ ଧାନ ବିକ୍ରୟ ଟୋକନ୍ ପ୍ରଦାନ ରେ ଅହେତୁକ ବିଳମ୍ବ,ଅଧା ରୁ ଅଧିକ ପଞ୍ଜୀକୃତ ଚାଷୀ ଙ୍କ ଟୋକନ୍ ଏ ପର୍ଯ୍ୟନ୍ତ ନ ଆସିବା,ସରକାର ଙ୍କ ତ୍ରୁଟି ପୂର୍ଣ୍ଣ ନିଷ୍ପତ୍ତି ଓ ପ୍ରାଶାସନିକ ଅପାରଗତା ରୁ ହଜାର ହଜାର ବସ୍ତା ଧାନ ମଣ୍ଡି ରେ ପଡ଼ି ରହିବା,ଧାନ ର ଗୁଣ ବତ୍ତା ଓ ଆଦ୍ରତା ଆଳ ରେ ପ୍ରତି କୁଇଣ୍ଟାଲ ରେ ୨ କେଜି ରୁ ୭ କେଜି ପର୍ଯ୍ୟନ୍ତ କଟନୀ ଛଟନୀ କରାଯିବା , ମଣ୍ଡି ରେ ଦଲାଲ ରାଜ୍ ଲାଗି ରହିବା,ଭୁଲ ଟୋକନ ବଣ୍ଟନ ଓ ପ୍ରଶାସନିକ ଅପାରଗତା ପାଇଁ ଚାଷୀ ଅଣ୍ଡର ରେଟ ରେ ଖୋଲା ବଜାର ରେ ୧୪୦୦ ରୁ ୧୫୦୦ ଟଙ୍କା ରେ ଧାନ ବିକିବା ପାଇଁ ବାଧ ହେବା , କେନ୍ଦ୍ର ସରକାର ଙ୍କ ଧାନ ର ଏମ ଏସ ପି ବୃଦ୍ଧି ଘୋଷଣା କୁ ରାଜ୍ୟ ରେ କାର୍ଯ୍ୟ କାରି ନ କରିବା ,୧୫୦ କୁଇନଟାଲ ଧାନ ଖରିଦ ରେ ଯୋଗାଣ ମନ୍ତ୍ରୀ ଙ୍କ ସିଲିଂ ଘୋଷଣା କୁ ପ୍ରତ୍ୟାହାର କରିବା ,ଘୋଷଣା ମୁତାବକ ଧାନ କୁଇଣ୍ଟାଲ ପ୍ରତି ୩୧୬୯ ଟଙ୍କା ପ୍ରଦାନ କରିବା, ଧାନ ବିକ୍ରି ର ୧୫ ଦିନ ପରେ ବି ଚାଷୀ ଙ୍କ ଏକାଉଣ୍ଟ୍ କୁ ଟଙ୍କା ନ ଆସିବା ,ଧାନ କ୍ରୟ କେନ୍ଦ୍ର ର ଦୈନିକ ଧାର୍ଯ୍ୟ କୁ ଦୁଇ ଗୁଣ କରିବା , ଚାଷୀ ଙ୍କୁ ନିଜ ଖର୍ଚ୍ଚ ରେ ଅଖା କିଣିବା ଓ ମଣ୍ଡି କୁ ଧାନ ଆଣିବାକୁ ବାଧ କରିବା ,ଜିଲ୍ଲା ରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନ କୁ ଦିନ ବିଗିଡିବା ,ନାରୀ ନିର୍ଯାତନା,ଅପହରଣ,ଧର୍ଷଣ ନିଶା କାରବାର ବୃଦ୍ଧି ପାଇବା ଭଳି ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରାଯାଉ ବୋଲି ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି । ତେବେ ଚାଷୀ ମାନଙ୍କୁ ସୁନେଲି ସ୍ୱପ୍ନ ଦେଖାଇ କ୍ଷମତା କୁ ଆସିଥିବା ବିଜେପି ସରକାର ତୁରନ୍ତ ଚାଷୀ ଙ୍କ ସମସ୍ୟା ସମାଧାନ କରୁ ନ ହେଲେ ଆଗାମୀ ଦିନ ରେ ଚାଷୀ ଙ୍କ ଅଧିକାର ପାଇଁ ବିଜେଡି ଆନ୍ଦୋଳନ ତୀବ୍ର କରିବ ବୋଲି ଚେତାବନୀ ଦେଇଥିଲା ।

## ବୈତରଣୀ ନଦୀ ଏବେ ବାଲି ମାଫିଆଙ୍କ ଚରାଭୂଇଁ

# ବୈତରଣୀ ନଦୀରୁ ବେଆଇନ ବାଲି ଚାଲାଣ


ଧାମନଗର : ଧାମନଗର ତହସିଲ ଅଧୀନସ୍ତ ସୋହଡ଼ା ପଞ୍ଚାୟତର ଷେଣ୍ଟପୁର ନିକଟସ୍ଥ ବୈତରଣୀ ନଦୀ ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି। ରାତିରୁ ସକାଳ ଯାଏ ଟ୍ରାକ୍ଟର ମାଲିକ ତଥା ବାଲି ମାଫିଆ ମାନେ ଏଠାରୁ ବାଲି ଚୋରି କରିବାରେ ଲାଗିଛନ୍ତି। ପ୍ରାୟ ୨୦ ରୁ ଅଧିକ ଟ୍ରାକ୍ଟର ଏଠାରେ ପଶି ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳିଛି । ରାଜସ୍ୱ ବିଭାଗ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଏବଂ ସ୍ଥାନୀୟ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଥିବା ବେଳେ ନଦୀବନ୍ଧ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି / ନଦୀରେ ପର୍ଯ୍ୟାପ୍ତ ବାଲି ନଥିବାରୁ ସୈରାତ ନିଲାମ ହୋଇ ପାରିନାହିଁ। ଏଣୁ ସରକାରୀ ଭାବେ ବାଲି ଉତ୍ତୋଳନ ବନ୍ଦ ରହିଛି ଏହାର ସୁଯୋଗ ନେଇ ମାଫିଆ ମାନେ ଖୁଲମଖୁଲା ଜୋର ଜବରଦସ୍ତ ଲଗାଇ ପାଣି ଭିତରୁ ବାଲି ଉଠାଇ ଠୁଳ କରୁଛନ୍ତି ବିଳମ୍ବିତ ରାତିରୁ ସକାଳ ଯାଏ ଟ୍ରାକ୍ଟର ଓ ମିନି ଟ୍ରକ ସାହାଯ୍ୟରେ ଏହି ବାଲି ଉତ୍ତୋଳନ କରି ବିଭିନ୍ନ ସ୍ଥାନକୁ ଚୋରା ଚାଲାଣ କରାଯାଉଛି ଖଣି ବିଭାଗର ଜିଲ୍ଲା କାର୍ଯ୍ୟାଳୟ ଭଦ୍ରକରେ ଥିବା ବେଳେ ପ୍ରାୟ ୩୦ କିଲୋମିଟର ଦୂର ଷେଣ୍ଟପୁରରେ ବାଲି ଚୋରି ହେଉଛି । ଯେତେବେଳେ ବି ଖଣି ଅଧିକାରୀ ଚଢ଼ାଉ ପାଇଁ ଆସୁଛନ୍ତି ବେଦପୁର, ଖଡ଼ିପଦା, ଦୋବଲ ଓ ଧାମନଗର ଛକ ପର୍ଯ୍ୟନ୍ତ ଜଗି ରହିଥିବା ମାଫିଆଙ୍କ' ସୂଚନାଦାତା ମାନେ ସଙ୍ଗେ ସଙ୍ଗେ ଖବର ପହଞ୍ଚାଇ ଦେଉଛନ୍ତି ଅଧିକାରୀ ପହଞ୍ଚିବା ପୂର୍ବରୁ ଟ୍ରାକ୍ଟର ଓ ଜେସିବି ଗୁଡ଼ିକୁ ନଦୀ ଗର୍ଭରୁ କାଢ଼ି ନିଆଯାଇ ବାଡ଼ି ପଛପଟେ ଲୁଚାଇ ଦିଆଯାଉଛି । ଫଳରେ ଚଢ଼ାଉ ପ୍ରକ୍ରିୟା କେବଳ ପ୍ରହସନରେ ପରିଣତ ହେଉଛି



ବେଆଇନ ବାଲି ଉତ୍ତୋଳନ ରୋକିବା ପାଇଁ କଡ଼ା ନିୟମାବଳୀ ରହିଛି ସଷ୍ଟେନେବୁଲ ସ୍ୟାଣ୍ଡ ମାଇନିଂ ମ୍ୟାନେଜମେଣ୍ଟ ଗାଇଡଲାଇନ-୨୦୧୬ ଅନୁଯାୟୀ ପରିବେଶ ସନ୍ତୁଳନ ରକ୍ଷା କରି ବାଲି ଉତ୍ତୋଳନ କରିବା କଥା ସେହିପରି ଓଡ଼ିଶା ମାଇନିଂ ପଲିସି ୨୦୨୧ରେ ମଧ୍ୟ ବାଲି ଚୋରି ରୋକିବା ନେଇ ବ୍ୟବସ୍ଥା ରହିଛି । ନଦୀ ଗର୍ଭରୁ କେବଳ ଶୁଖିଲା ଓ ଗଦା ହୋଇଥିବା ବାଲି ଉଠାଇବାକୁ ନିୟମ ଅଛି । ହେଲେ ମାଫିଆମାନେ ପାଣି ଭିତରୁ ବାଲି ଖୋଳିକି ଚାଲାଣ କରୁଛନ୍ତି ପୂର୍ବତନ ରାଜ୍ୟ ସରକାରଙ୍କ ଅଜବ ନିୟମ ଯୋଗୁଁ ବାଲି ଚୋରି ଅହୁରି ବଢ଼ି ଯାଇଛି ନିଲାମ ପ୍ରକ୍ରିୟା ଖଣି ବିଭାଗକୁ ଯିବା ପରଠାରୁ ତହସିଲ କାର୍ଯ୍ୟାଳୟ ଏହି ସମସ୍ୟାକୁ ଦେଖି ନ ଦେଖିଲା ଭଳି ରହୁଥିବା ଅଭିଯୋଗ ହେଉଛି । ତା ଛଡ଼ା ସ୍ଥାନୀୟ ରାଜନେତାଙ୍କ ଚାପ ଯୋଗୁଁ କ୍ଷେତ୍ର ଅଧିକାରୀ ମାନେ କଡ଼ା ପଦକ୍ଷେପ ନେବାକୁ ପଛଘୁଞ୍ଚା ଦେଇଛନ୍ତି । ଯଦି ପୋଲିସ ଓ ତହସିଲ ପ୍ରଶାସନ ମିଳିତ ଭାବେ ସତର୍କତା ଅବଲମ୍ବନ ନକରନ୍ତି ତେବେ ଆଗାମୀ ଦିନରେ ବୈତରଣୀ ନଦୀ ଶଯ୍ୟା ଶୂନ୍ୟ ହେବା ସହ ନଦୀବନ୍ଧ ଦୁର୍ବଳ ହୋଇ ବନ୍ୟା ଭଳି ବିପର୍ଯ୍ୟୟକୁ ଡାକି ଆଣିବ। ପ୍ରଶାସନ ତୁରନ୍ତ ସଚେତନ ହୋଇ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜରୁରୀ ଏ ଦିଗରେ ଧାମନଗର ତହସିଲଦାର କହିଛନ୍ତି ଯେ ଜିଲ୍ଲାପାଳଙ୍କ ପରାମର୍ଶକ୍ରମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ତେବେ ଏପରି ବେଆଇନ ବାଲି ଉଠାକୁ ନେଇ ସଧାରଣରେ ଅସନ୍ତୋଷ ଦେଖାଦେଇଛି ।







# ଧାନର ଅଭାବି ବିକ୍ରିକୁ ନେଇ ବିଜେଡିର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ



ଭବାନୀପାଟଣା: ରାଜ୍ୟରେ ଧାନର ଅଭାବି ବିକ୍ରି ଓ ମଣ୍ଡି ପରଚଳନା ତ୍ରୁଟି କୁ ନେଇ ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲା ପାଳ କାର୍ଯ୍ୟାଳୟ ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଥିଲା। ଜିଲ୍ଲା ସଭାପତି ଙ୍କ ନେତୃତ୍ୱ ରେ ଶହ ଶହ ନେତା ଓ କର୍ମୀ ଙ୍କ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ଏଥିରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହ ଦେଓ, ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାସ,ମୌସଧି ବାଗ, ଜିଲ୍ଲା ମହିଳା ନେତ୍ରୀ ଲଳିତା ନାଏକ, ମହିଳା ନେତ୍ରୀ କଲ୍ୟାଣୀ ନାଏକ,ଯୁବ ସଭାପତି ଆଦିତ୍ୟ ନନ୍ଦ, ଛାତ୍ର ନେତା ଅବିନାଶ ଠାକୁର, ମଣ୍ଟୁ ନାଏକ,ବରିଷ୍ଠ ନେତା ଭବାନୀ ଶଙ୍କର ମିଶ୍ର, ପ୍ରଦୀପ ମୁଣ୍ଡ,ବଦ୍ରି ନାରାୟଣ ପଟ୍ଟନାୟକ, ଭବାନୀପାଟଣା ପୌର ଅଧକ୍ଷ ବିଷ୍ଣୁ ପଧାନ ପ୍ରମୁଖ ଯୋଧର୍ମେନ୍ଦ୍ର ନାଏକ, କେନ୍ଦ୍ର ଓ ରାଜ୍ୟ ସରକାର କୁ କଟୁ ସମାଲୋଚନା କରିଥିଲେ, ରାଜ୍ୟ ସରକାର ମଣ୍ଡିପରିଚାଳନା ରେ ଫେଲ, ମହିଳା ସୁରକ୍ଷା ରେ ଫେଲ ମାରିଛି, କେବଳ ବିଜେଡି ସରକାର ର ସମୟରେ ହୋଇଥିବା କାର୍ଯ୍ୟ ର ରଙ୍ଗ ବଦଳାଇ ବା ଛଡା କିଛି କାମ କୁ ନାହିଁ ବୋଲି ସମାଲୋଚନା କରିଥିଲେ। ଆଗକୁ ପଂଚାୟତ ନିର୍ବାଚନ ଥିବା ବେଳେ ବିଜେଡି ର ଏହି ଶକ୍ତି ପ୍ରଦର୍ଶନ ଜିଲ୍ଲା ରାଜନୀତି କୁ ଚଳଚଞ୍ଚଳ କରିଛି। ବିଜେଡି ର ଏହି ରାଲି କୁ ଦେଖି ବିଜେପି ଛାନିଆ ହୋଇ ପଡିଛି।

# ଧାନମଣ୍ଡିରେ ଟାର୍ଗେଟ ବୃଦ୍ଧି କରିବା ନେଇ ଜିଲ୍ଲାପାଳଙ୍କୁ ଭେଟି ଦରଖାସ୍ତ ଦେଲେ ଚାଷୀ



ମାଲକାନଗିରି: ମାଲକାନଗିରି ଜିଲ୍ଲାରେ ଧାନ ମଣ୍ଡି ଗୁଡିକରେ ଲାଗି ରହିଥିବା ଅବ୍ୟବସ୍ଥା ଓ ଧାନମଣ୍ଡିରେ ଟାର୍ଗେଟ ବୃଦ୍ଧି କରିବା ନେଇ ଜିଲ୍ଲା ପାଳଙ୍କୁ ଭେଟି ଦାବି ପତ୍ର ଦେଲେ ଚାଷୀ। ଜିଲ୍ଲାରେ ଧାନ କ୍ରୟ ଆରମ୍ଭ ହୋଇ ଅନେକ ଦିନ ବୀତି ଯାଇଥିବା ବେଳେ ବିଭିନ୍ନ ମଣ୍ଡିରେ ଟାର୍ଗେଟ ଶେଷ ହେବାକୁ ବସିଲାଣି। ବର୍ତ୍ତମାନ ମଧ ବହୁ ଚାଷୀ ନିଜର ଧାନ ବିକ୍ରୟ କରି ନଥିବା ବେଳେ ଟାର୍ଗେଟ ବୃଦ୍ଧି ନହେଲେ ଚାଷୀ ସମସ୍ୟାର ସାମ୍ନା କରିବେ। ତେଣୁ ଏହାକୁ ନେଇ ଜିଲ୍ଲାର ମାଥିଲି ବ୍ଲକସ୍ଥ ମେକା, କତାପାଲି ଓ ଭଣ୍ଡାରୀ ପାଙ୍ଗମ ପଞ୍ଚାୟତର ଚାଷୀ ମାନେ ଜିଲ୍ଲାପାଳ ସୋମେଷ କୁମାର ଉପାଧ୍ୟାୟଙ୍କୁ ଭେଟି ମେକ୍କା ମଣ୍ଡିରେ ୧୫୦୦ କୁଇଣ୍ଟାଲ ଧାନ କ୍ରୟ ବଦଳ ରେ ୨୫୦୦ କୁଇଣ୍ଟାଲକୁ ଟାର୍ଗେଟ ବୃଦ୍ଧି କରିବା ପାଇଁ ଦାବି ଜଣାଇ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଏହି ଟାର୍ଗେଟ ବୃଦ୍ଧି କରା ନଗଲେ ଆଗାମୀ ଦିନରେ ରାଜରାସ୍ତାରେ ଧାନ ବସ୍ତା ରଖି ଆନ୍ଦୋଳନ କରାଯିବ ବୋଲି ଦରଖାସ୍ତରେ ଚାଷୀ ଉଲ୍ଲେଖ କରିବା ସହ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ




ପୁରୁଷୋତ୍ତମପୁର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମା’ ତାରାତାରିଣୀଙ୍କ ପୀଠରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାର ଶୁଭାରମ୍ଭ କରିଛନ୍ତି। ୨୦୧ ବର-କନ୍ୟାଙ୍କ ବାହାଘର ସଂପନ୍ନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ନିଜେ ବିବାହ ମଣ୍ଡପରେ କର୍ତ୍ତା ଭାବେ ହୋମକୁଣ୍ଡରେ ଆହୁତି ପ୍ରଦାନ ସହ କନ୍ୟାଦାନ କରିଥିଲେ। ଆଜି ‘ମୁଁ ଜଣେ ମୁଖ୍ୟମନ୍ତ୍ରୀ ନୁହେଁ, ବରଂ ଜଣେ ପିତା ଓ ଭାଇର କର୍ତ୍ତବ୍ୟ ଏବଂ ସ୍ନେହ ନେଇ ଉପସ୍ଥିତ ଥିଲି। ନବଦମ୍ପତିଙ୍କୁ ଆଶୀର୍ବାଦ ଦେବା ବେଳେ ସେମାନଙ୍କ ଆଖିର ଭରସା ଓ ମୁହଁର ହସ ମୋ ହୃଦୟକୁ ଆତ୍ମସନ୍ତୋଷରେ ଭରିଦେଇଥିଲା’ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ଏହି ଯୋଜନା ଏକ ସାଧାରଣ ଜନମଙ୍ଗଳକାରୀ ଯୋଜନା ନୁହେଁ। ଏହା ସାମାଜିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସରକାରଙ୍କ ଏକ ଅଭିନବ ପ୍ରୟାସ। ଆମେ ଏଭଳି ଏକ ଓଡ଼ିଶା ଗଢ଼ିବା, ଯେଉଁଠି କୌଣସି କନ୍ୟା ଆର୍ଥିକ ଦୁର୍ବଳତା କିମ୍ବା ସାମାଜିକ ଚାପ କାରଣରୁ ପ୍ରାପ୍ତବୟସ ଆଗରୁ ବିବାହ କରିବାକୁ ବାଧ ହେବେ ନାହିଁ। ଝିଅମାନେ ବାପାମାଆଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ହେଉଛନ୍ତି ଭଗବାନଙ୍କ ଆଶୀର୍ବାଦ। ଏହି ଯୋଜନା ମୁଖ୍ୟତଃ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାରଙ୍କ ଉପରେ ବିବାହର ଆର୍ଥିକ ଭାର ଲାଘବ କରିବା ସହିତ ମହିଳାଙ୍କ ସମ୍ମାନ, ସାମାଜିକ ସୁରକ୍ଷା, ବିଧବାଙ୍କ ପୁନଃବିବାହକୁ ଉତ୍ସାହିତ ଓ ଯୌତୁକପ୍ରଥା ନିବାରଣ କରିବା ଦିଗରେ ବହୁ ପରିମାଣରେ ସହାୟକ ହେବ।

୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଜିଲ୍ଲାରେ ଏହା କାର୍ଯ୍ୟକାରୀ ହେବ। ଏଥିପାଇଁ ବଜେଟ୍‌ରେ ୫୯ କୋଟିରୁ ଅଧିକ ଟଙ୍କା ବ୍ୟବସ୍ଥା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ଅନୀତା ଶୁଭଦର୍ଶିନୀ, ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ନାୟକ, କେ. ଅନୀଲ କୁମାର, ସରୋଜ କୁମାର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସେଠୀ, ସିଦ୍ଧାନ୍ତ ମହାପାତ୍ର, ନୀଳମଣି ବିଷୋୟୀ, ମନୋରଞ୍ଜନ ଦ୍ୟାନସାମନ୍ତରା ପ୍ରମୁଖ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ଓ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍ ଏହାକୁ ପରିଚାଳନା କରିଥିଲେ।

# ‘ଦେଶ’ର ଅର୍ଥ ହେଉଛି କେବଳ ଜାତୀୟ ସେବା: ମୁଖ୍ୟମନ୍ତ୍ରୀ ମୋହନ ମାଝୀ

ଭୁବନେଶ୍ୱର: ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀସ୍ଥିତ ନ୍ୟାସନାଲ୍ ଡିଫେନ୍ସ କଲେଜ୍‌ର ପ୍ରଶିକ୍ଷାର୍ଥୀ ଅଧିକାରୀଗଣ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ ମାନଙ୍କ ସମେତ ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମଙ୍ଗୋଲିଆ ଏବଂ ନେପାଳର ସେନାବାହିନୀ ଅଧିକାରୀମାନେ ମଧ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମପାଇଁ ‘ଦେଶ’ର ଅର୍ଥ ହେଉଛି କେବଳ ଜାତୀୟ ସେବା। ଏହା ଆମର ପ୍ରତିବଦ୍ଧତା। ପ୍ରତ୍ୟେକ ସାମରିକ ଅଧିକାରୀଙ୍କ ଭାବାବେଗ ସହିତ ଆମର ଏହି ମନୋଭାବ ଗଭୀର ଭାବରେ ଜଡ଼ିତ। ଅପରେସନ ସିନ୍ଦୂରର ସଫଳତା ଓ ଭାରତୀୟ ସଶସ୍ତ୍ର ବାହିନୀର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଅପରେସନ ସିନ୍ଦୂର ସମୟରେ ଆମର ବାହିନୀ ଦ୍ୱାରା ଦେଖାଯାଇଥିବା ସାହସ ଏବଂ ସାହସିକତାକୁ ମୁଁ ସଲାମ କରୁଛି। ଏହି ଅପରେସନ୍ ଆପଣଙ୍କ ଶୃଙ୍ଖଳା, ଦୃଢ଼ ପ୍ରତିବଦ୍ଧତା ଏବଂ ନିଃସ୍ୱାର୍ଥପର ସେବାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏଥିସହିତ, ମୁଖ୍ୟମନ୍ତ୍ରୀ ପ୍ରାଚୀନ ଓଡ଼ିଶାର ବୀରତ୍ୱ ଏବଂ ପରାକ୍ରମ ଉପରେ ଆଲୋକପାତ କରିବା ସହିତ ଶିଳ୍ପ, ଭିତ୍ତିଭୂମି, ଶିକ୍ଷା, କ୍ରୀଡ଼ା ଏବଂ ବିପର୍ଯ୍ୟୟ ପରିଚାଳନାରେ ଆମ ରାଜ୍ୟ ଆଜି ସମଗ୍ର ଭାରତରେ କିଭଳି ଏକ ନୂତନ ପରିଚୟ ସୃଷ୍ଟି କରିଛି, ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ।ଏହି ଅବସରରେ ବିଭିନ୍ନ ଦେଶରୁ ଆସିଥିବା ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ ଏବଂ ସବୁକ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ଦେଖି ପ୍ରଶଂସା କରିଥିଲେ। ଏଥିରେ ଭାରତୀୟ ସଶସ୍ତ୍ର ବାହିନୀର ବରିଷ୍ଠ ଅଧିକାରୀ ଏବଂ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିବା ଦେଶର ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନାରେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଏୟାର ମାର୍ଶାଲ ମନୀଷ କୁମାର ଗୁପ୍ତା, ମେଜର ଜେନେରାଲ ସିପି ସାଙ୍ଗରା,



ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀଗଣ ପ୍ରମୁଖ ଉପସ୍ଥିତ ଥିଲେ।

# ମଦବେପାରୀଙ୍କ କଳା କାରନାମାରେ ଗ୍ରାହକ ଅତିଷ୍ଠ

ନବରଙ୍ଗପୁର: ଆଦିବାସୀ ଅଧ୍ୟୁଷିତ ପଛୁଆ ନବରଙ୍ଗପୁର ଜିଲ୍ଲା ବିକାଶରେ ବହୁ ପଛରେ ପଡ଼ିଥିବାବେଳେ ନିଶା କାରବାରରେ ବହୁ ଆଗରେ ରହିଛି । ସରକାରଙ୍କ ଟିକସ ନିଶା ମଦ କାରବାରକୁ ପ୍ରୋତ୍ସାହନ ଦେଉଥିବା ବେଳେ ଟିକସ ଆଢୁଆଳରେ ବଢୁଛି ବେଆଇନ ମଦ କାରବାର । ବେଧଡକ ମଦ କାରବାର ନିମନ୍ତେ ଜିଲ୍ଲା ମଦ ମାଫିଆଙ୍କ ପାଇଁ ଅଭୟାରଣ୍ୟ ପାଲଟିଛି । ଗୋଟିଏପଟେ ଅବକାରୀ ବିଭାଗ ଓ ପୋଲିସକୁ ହାତବାରିସୀ କରି ମଦବେପାରୀ ବେଧଡକ ବେପାର ଚଳାଇଥିବାବେଳେ ଅନ୍ୟପଟେ ସରକାରୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନୀ ମଧ ଗ୍ରାମାଞ୍ଚଳରେ ଚଳାଇଛନ୍ତି ବେନାମୀ କାଉଣ୍ଟର । ପ୍ରତି ବର୍ଷ ସରକାର ଟିକସରେ ୨ କୋଟି ଟଙ୍କା ବୃଦ୍ଧି କରୁଥିବା ବେଳେ ଉଭୟ ସରକାରୀ ଓ ବେଆଇନ ମଦ କାରବାରରେ ମୁନାଫା ପାଇଁ ଉଜୁଡିଯାଉଛି ବହୁ ବନବାସୀ ସଂସାର । ପାରିବାରିକ ଓ ସାମାଜିକ ହିଂସା ବୃଦ୍ଧି ପପାଇବାସହ ଅଶାନ୍ତ ହେଉଛି ବନବାସୀ ପଲ୍ଲୀ । ତେବେ ବେଆଇନ ମଦ କାରବାର କରୁଥିବା ମଦ ବେପାରୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଏଆରପି ଦାମ ବଦଳରେ ନିଜକୁ ସୁହାଇବା ଭଳି ଦାମରେ ମଦ କାରବାର କରୁଥିବା ବେଳେ ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରେ ମଧ ଧାର୍ଯ୍ୟ ଦାମ ଠାରୁ ଅଧିକ ଦାମରେ ମଦ ବିକ୍ରି ହେଉଛି । ନିୟମ ଅନୁଯାୟୀ କାଉଣ୍ଟରରେ ରେଟ ଚାର୍ଟ ଲାଗୁନାହିଁ ଅଥବା ଗ୍ରାହକଙ୍କୁ ବିଲ ମିଳୁନାହିଁ । ଏମଆରପି ଠାରୁ ଯଥେଷ୍ଟ ଅଧିକ ଦାମରେ ମଦ ବିକ୍ରିକରି

### ପ୍ରଶାସନ ଆଖିରେ ଅନ୍ଧପୁଟୁଳି




ସାଧାରଣ ଗ୍ରାହକକୁ ଲୁଟୁଛନ୍ତି ମଦ ବେପାରୀ । ଅଧିକାଂଶ ସମୟରେ ଗ୍ରାହକ ଓ ଦୋକାନରେ ଥିବା ସେଲମ୍ୟାନଙ୍କ ମଧରେ ଚଢା ଦାମପାଇଁ ବଚସା ହେଉଥିବା ସାମନାକୁ ଆସୁଛି ।

ସୂଚନାଯୋଗ୍ୟ ଗତ ୨୦୨୩ ମସିହା ଏପ୍ରିଲ ୩ ତାରିଖରେ ନବରଙ୍ଗପୁର ପୌରପାଳିକାରେ ଅନୁଷ୍ଠିତ ମିଳିତ ଜନଶୁଣାଣୀ ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଥିଲା । ତତ୍କାଳୀନ ଜିଲ୍ଲାପାଳ ପ୍ରତି ମଦ କାଉଣ୍ଟରରେ ଦର ତାଲିକା ଲାଗିବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏଥିସହିତ ଦୋକାନରେ କାର୍ଯ୍ୟରତ କର୍ମଚାରୀ ୟୁନିଫର୍ମ ପରିଧାନ ସହ ପରିଚୟ ପତ୍ର ଲଗାଇବା ଓ ଗ୍ରାହକଙ୍କୁ କମ୍ପ୍ୟୁଟର ବିଲ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ କିଛି ସମୟ ପାଇଁ ରେଟ ଚାର୍ଟ ଲଗାଯିବାସହ ଅବକାରୀ ବିଭାଗ ଦ୍ୱାରା ଯାଞ୍ଚ ପରତାଳ ସହ ଫଟୋ ଉଠାଯାଇ ଜନସାଧାରଣଙ୍କୁ ଅବଗତ କରାଗଲା । ତେବେ ଦିନେ ଦୁଇଦିନ ପରେ ନା ଦେଖିବାକୁ ମିଳିଲା ଦର ତାଲିକା ନା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ହେଲା । ଯଥାପୂର୍ବ ତଥାପର ଚଢ଼ାଦାମରେ ମଦ ବିକି ଗ୍ରାହକଙ୍କୁ ଲୁଟୁଛନ୍ତି ତଥାକଥିତ ମଦ ବେପାରୀ । ଜିଲ୍ଲା ପ୍ରଶାସନ କେବେ ଯତ୍ନବାନ ହେବ ଓ ଅବକାରୀ ବିଭାଗର ଚେତା ପଶିବ ସାଧାରଣ ଗ୍ରାହକ ଠକାମୀରୁ ନିସ୍ତାର ପାଇବେ ତା ଉପରେ ନଜର ରହିଛି । ସୂଚନାଯୋଗ୍ୟ ଜିଲ୍ଲାରେ ଚାଲୁଥିବା ସରକାରୀ ସ୍ୱୀକୃତିପ୍ରାପ୍ତ ବିଦେଶୀ ମଦ ଦୋକାନ ପ୍ରକୃତ ଲାଇସେନ୍ସ ପ୍ରାପ୍ତ ବ୍ୟକ୍ତିବିଶେଷ ବଦଳରେ ବିହାରୀ ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ହେଉଛି । ତେବେ ଏହି ବ୍ୟବସାୟୀ ମାନେ ମୂଳ ଦୋକାନରେ ଧାର୍ଯ୍ୟ ଏମାରପି ଠାରୁ ଅଧିକ ମୂଲ୍ୟରେ ମଦ ବିକ୍ରି କରୁଥିବା ବେଳେ ଗାଁ ଗହଳିରେ ମଧ ବେଆଇନ କାଉଣ୍ଟର ମାଧମରେ ମଦ ବେପାରବଟା ଚଳାଇଛନ୍ତି ।

# ବଣ୍ଡା ଜନଜାତିଙ୍କ ନିଆରା ପରମ୍ପରା ଝାଟି ପର୍ବ, ଝାଟି ପ୍ରହାରରେ ବୋହିଥାଏ ରକ୍ତ ଆଉ ଦୃଢ ହୋଇଥାଏ ସମ୍ପର୍କ

ମାଲକାନଗିରି: ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକରେ ଥିବା ବଣ୍ଡା ଘାଟିରେ କାହିଁ କେଉଁ ଆଦିମ କାଳରୁ ରହି ଆସୁଛନ୍ତି ବଣ୍ଡା ଜନଜାତି। ସମୁଦ୍ର ପତନ ଠାରୁ ପ୍ରାୟ ୫୦୦୦ ଫୁଟ ଉପରେ ବସବାସ କରୁଥିବା ଏହି ଆଦିମ ଜନଜାତିଙ୍କ ଚାଲି ଚଳଣି ଓ ପରମ୍ପରା ବେସ ସ୍ୱତନ୍ତ୍ର ଓ ନିଆରା। ମୁଦୁଲିପଡା ଓ ଅଣ୍ଡରାହାଲ ଦୁଇଟି ପଞ୍ଚାୟତକୁ ବଣ୍ଡା ଘାଟି ବୋଲି କୁହାଯାଉଥିବା ବେଳେ ଏମାନେ ଆଜିକାର ଆଧୁନିକ ଯୁଗରେ ମଧ ନିଜର ପରମ୍ପରା ଓ ସଂସ୍କୃତିକୁ ଭୁଲି ନାହାନ୍ତି। ତେବେ ଏହି ପରମ୍ପରା ଓ ସଂସ୍କୃତି ଅନୁଯାୟୀ ବଣ୍ଡା ଜନଜାତି ଅନେକ ପର୍ବ ପାଳନ କରୁଥିବା ବେଳେ ଏଥି ମଧରେ ଅନ୍ୟତମ ପର୍ବ ଅଟେ ଝାଟି ପର୍ବ। ଯାହାକି ଆଦିମ ବଣ୍ଡା ଜନଜାତି ଯୁବକଙ୍କ ବୀରତ୍ୱ ଓ ଭାଇଚାରା ପ୍ରମାଣ ଦେଇଥାଏ। ଏହି ପରମ୍ପରା କେଉଁ ଆବାହନ କାଳରୁ ପ୍ରଚଳିତ ହୋଇ ଆସୁଛି। ଝାଟି ପର୍ବ ତଥା ଝାଟି ଯୁଦ୍ଧ ପ୍ରତିବର୍ଷ ମାଘ ମାସ ପୂର୍ଣ୍ଣମୀ ତିଥିର ପରବର୍ତ୍ତୀ ସମୟରେ ହୋଇଥାଏ। ପର୍ବ ଆୟୋଜନର ପୂର୍ବରୁ ବଣ୍ଡା ପୁରୁଷମାନେ ବାହୁ ପରାକ୍ରମ ପ୍ରଦର୍ଶନ ରିଥାନ୍ତି।



ସଲପ ଗଛର ପ୍ରଶାଖାରେ ନିର୍ମିତ ଛାଟକୁ ନିଆଁ ସେକ ଓ ଗୋବର ପ୍ରଲେପ କରାଯାଇ ପୂର୍ବରୁ ଝାଟି ତଥା ଚାବୁକ ପ୍ରସ୍ତୁତ କରି ରଖାଯାଇଥାଏ। ଏହି ଛାଟକୁ ସ୍ୱଦେହରେ ଓ ସାମ୍ନାରେ ଥିବା ଅନ୍ୟ ବ୍ୟକ୍ତିଙ୍କୁ ପ୍ରହାର କରି ବଣ୍ଡା ପୁରୁଷମାନେ ବିରତ୍ୱ ପ୍ରଦର୍ଶନ ଦେଇଥାନ୍ତି। ମହୁରୀ ଓ ମାଦଳର ତାଳେ ତାଳେ ଝାଟି ଯୁଦ୍ଧ ସହ ଓ ନୃତ୍ୟ କରନ୍ତି। ବାଦ୍ୟ ଶୁଣିବା ମାତ୍ରେ ବଣ୍ଡାପଡ଼ାର ପ୍ରତ୍ୟେକ ଯୁବକ ଦର୍ପ ସହକାରେ ଛୁଟି ଆସନ୍ତି ମୁକ୍ତ ରଣାଙ୍ଗନକୁ। ଐକ୍ୟବଦ୍ଧ ନାଚ ଭିତରେ ଜଣେ ଅନ୍ୟ ଜଣକୁ ଇସାରା ଦେଇ ଲଢ଼େଇ ପାଇଁ ଆହ୍ୱାନ ଜଣାନ୍ତି। ଭୟଙ୍କର ଛାଟ ମାଡ଼ରେ ରକ୍ତାକ୍ତ ମଧ ହୁଅନ୍ତି। ଶରୀରରୁ ନିଗିଡ଼ି ପଡୁଥିବା ଧାର ଧାର ରକ୍ତରେ ସିକ୍ତ ହୁଏ ମୁକ୍ତ ମୈଦାନ। ହେଲେ ଏହା କୌଣସି ଯୁଦ୍ଧ ନୁହେ, ବରଂ ଏହି ଝାଟି ଯୁଦ୍ଧ ତଥା ପର୍ବ ବଣ୍ଡା ସଭ୍ୟତାର ଏକ ଅଙ୍ଗ। କୁହାଯାଏ ମନ ଭିତରେ ଥିବା କ୍ରୋଧ,ହିଂସାକୁ ଦୂର କରିବା ପାଇଁ ଏହି ପର୍ବ ଏକ ମାଧ୍ୟମ। ଖାସ ସେଇଥି ପାଇଁ ଲହୁ ଲୁହାଣ ହୋଇ ସାରିଥିଲେ ହେଁ ବଣ୍ଡା ଯୁବ ଯୁବକମାନଙ୍କ ମନରେ ତିଳେ ମାତ୍ର ରାଗ ହିଂସା, କୁଟ-କପଟତା ନଥାଏ। ଝାଟିଯୁଦ୍ଧ ପରେ ପଲ୍ଲୀର ପ୍ରତ୍ୟେକ ପରିବାର ମଧରେ ଭାତୃତ୍ୱର ଏବଂ ଅନାବିଳ ସ୍ନେହ ସୂତ୍ରରେ ବାନ୍ଧି ରଖେ। ସମସ୍ତେ ଏକତ୍ର ନାଚଗୀତ ଏବଂ ବିଭିନ୍ନ ବ୍ୟଞ୍ଜନର ମଜା ନିଅନ୍ତି। ତେବେ ଆଧୁନିକ ଯୁଗରେ ଅନେକ ନିଜର ପରମ୍ପରାକୁ ପାସୋରି ଯାଉଥିବା ବେଳେ କିନ୍ତୁ ଏହି ଆଦିମ ଜନଜତି ଆଜି ମଧ ନିଜର ଏହି ଝାଟି ଯୁଦ୍ଧ ବା ଝାଟି ପ୍ରହାର ପର୍ବକୁ ଆଦରି ରଖି ନିଜ ମଧରେ ଭାଇଚାରାକୁ ବଞ୍ଚାଇ ରଖିଛନ୍ତି।

# ଚିଟ୍‌ଫଣ୍ଡ ତଦନ୍ତ କମିସନ ବନ୍ଦକୁ ୬ ବର୍ଷ: ଖତ ଖାଉଛି ଗୁରୁତ୍ୱପୂର୍ଣ୍ଣ ନଥିପତ୍ର

କଟକ: ଚିଟ୍‌ଫଣ୍ଡ ଦୁର୍ନୀତି ଘଟଣାର ବିଚାରବିଭାଗୀୟ ତଦନ୍ତ ବନ୍ଦ ହେବାକୁ ୬ ବର୍ଷ ପୂରିଛି। ପୂର୍ବ ବିଜେଡି ସରକାର ଅଧାରୁ ଚିଟ୍‌ଫଣ୍ଡ ତଦନ୍ତକୁ ବନ୍ଦ କରି ଦେଇଥିଲେ। ନୂଆ ସରକାର ଆସିବା ପରେ ମଧ ବିଚାରବିଭାଗୀୟ ତଦନ୍ତ ପ୍ରସଙ୍ଗ ଶୀତଳଭଣ୍ଡାରରେ ରହିଯାଇଛି। କମିସନଙ୍କ ତଦନ୍ତ ରିପୋର୍ଟ ଏବେ ବି ରହସ୍ୟ ହୋଇ ରହିଛି। ଚିଟ୍‌ଫଣ୍ଡ ଦୁର୍ନୀତି ଘଟଣାର ବିଚାରବିଭାଗୀୟ ତଦନ୍ତ ପାଇଁ ତତ୍କାଳୀନ ସରକାର ୨୦୧୩ ଜୁଲାଇ ୯ରେ ଜଣିକିଆ କମିସନ ଗଠନ କରିଥିଲେ। ପ୍ରଥମରୁ ୫ଟି ପ୍ରସଙ୍ଗରେ ତଦନ୍ତ ପାଇଁ କମିସନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହାପରେ ପୂର୍ବ ଟର୍ମସ୍ ଅଫ୍ ରେଫରେନ୍ସରେ ଆଉ ଏକ ପ୍ରସଙ୍ଗ ଯୋଡ଼ି ୨୦୧୫ ଫେବ୍ରୁଆରି ୨୦ରେ ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା। କମିସନଙ୍କ କାର୍ଯ୍ୟକାଳ ବିଭିନ୍ନ ସମୟରେ ବୃଦ୍ଧି କରାଯାଇଥିବା ବେଳେ ଶେଷ ଥର ୨୦୧୯ ଅଗଷ୍ଟ ୨ରେ ସରକାର ବିଜ୍ଞପ୍ତି ପ୍ରକାଶ କରି ୬ ମାସ କାର୍ଯ୍ୟକାଳ ବୃଦ୍ଧି କରିଥିଲେ। ୨୦୧୫ ଫେବ୍ରୁଆରି ୨୦ର ଟର୍ମସ୍ ଅଫ୍ ରେଫରେନ୍ସରେ ସଂଶୋଧନ କରି ସରକାର ୨୦୧୯ ଡିସେମ୍ବର ୧୧ରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ପୂର୍ବରୁ ପ୍ରକୃତ ଜମାକାରୀଙ୍କୁ ଚିହ୍ନଟ କରାଯିବ ବୋଲି ଟର୍ମସ୍ ଅଫ୍ ରେଫରେନ୍ସରେ ରହିଥିଲା। କିନ୍ତୁ ୨୦୧୯ ଡିସେମ୍ବର ୧୧ରେ ପ୍ରକାଶିତ ସଂଶୋଧିତ ବିଜ୍ଞପ୍ତିରେ ଜମାକାରୀ ବଦଳରେ କ୍ଷୁଦ୍ର ଜମାକାରୀ ବୋଲି ଉଲ୍ଲେଖ କରାଯାଇଥିଲା। କମିସନ୍ ପ୍ରାୟ ୪ ଲକ୍ଷ ୯୭ ହଜାର ୮ଶହ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରି ସରକାରଙ୍କୁ ସାତଟି ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଥିଲେ। ୨୧ଶହରୁ ଅଧିକ କ୍ଷୁଦ୍ର ଜମାକାରୀ କମିସନଙ୍କ ଜରିଆରେ ସେମାନଙ୍କ ଜମା ଟଙ୍କା ଫେରସ୍ତ ପାଇଥିଲେ। ବହୁ କ୍ଷତିଗ୍ରସ୍ତ ଜମାକାରୀ ୨୦୧୩ରେ ସତ୍ୟପାଠ ଦାଖଲ କରି ନଥିଲା ବେଳେ କମିସନ ୨୦୧୮ ନଭେମ୍ବର ୧୩ରେ ସାନି ବିଜ୍ଞପ୍ତି ପ୍ରକାଶ କରି ୨୦୧୯ ଜାନୁଆରି ୩୧ ସୁଦ୍ଧା ସତ୍ୟପାଠ ଦାଖଲ ପାଇଁ ସୁଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୭ ଲକ୍ଷ କ୍ଷତିଗ୍ରସ୍ତ ଜମାକାରୀ ସତ୍ୟପାଠ ଦାଖଲ କରିଥିଲେ। କିନ୍ତୁ ୨୦୨୦ ଫେବ୍ରୁଆରି ୪ରୁ ଜଷ୍ଟିସ୍ ମଦନ ମୋହନ ଦାସ କମିସନଙ୍କ କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଏହା ଆଉ ବୃଦ୍ଧି କରାଯାଇ ନଥିଲା। ଏଭଳି ପରିସ୍ଥିତିରେ ବକ୍ସିବଜାର ପୁଲିସଲାଇନସ୍ଥିତ ତଦନ୍ତ କମିସନଙ୍କ କାର୍ଯ୍ୟାଳୟରେ ୨୦୨୦ରୁ ତାଲା ପଡ଼ିଛି। କାର୍ଯ୍ୟାଳୟରେ ନୂଆ ଓ ପୁରୁଣା ସତ୍ୟପାଠ ସବୁ ପଡ଼ି ରହିଛି। ଆସବାବପତ୍ର, କମ୍ପ୍ୟୁଟର, ପ୍ରିଣ୍ଟର, ଜେରକ୍ସ ମେସିନ୍, ଫ୍ୟାକ୍ସ, ଏସି, ଗୁରୁତ୍ୱପୂର୍ଣ୍ଣ ନଥିପତ୍ରରେ ଗଛଲତା ମାଡ଼ି ଗଲାଣି। ଉଇ ଲାଗି, ପାଣି ପବନ ଖାଇ ନଷ୍ଟ ହୋଇଗଲାଣି। ଚିଟ୍‌ଫଣ୍ଡ ତଦନ୍ତ କମିସନଙ୍କ ୭ଟି ଅନ୍ତରୀଣ ରିପୋର୍ଟରେ କ୍ଷତିଗ୍ରସ୍ତ ଜମାକାରୀଙ୍କ ପ୍ରସଙ୍ଗରେ କଣ ତଥ୍ୟ ରହିଛି ତାହା ଏବେ ବି ଅସ୍ପଷ୍ଟ। ଚିଟ୍‌ଫଣ୍ଡ ତଦନ୍ତ ପାଇଁ ୬.୧୯ କୋଟି ଟଙ୍କାରୁ ଅଧିକ ସରକାରୀ ତହବିଲରୁ ଖର୍ଚ୍ଚ ହୋଇଛି। କମିସନ ଅଫ୍ ଇନ୍‌କ୍ୱାରି ଆଇନ ଅନୁସାରେ ସରକାର ତଦନ୍ତ କମିସନ ରିପୋର୍ଟ ବିଧାନସଭାରେ ଉପସ୍ଥାପନ କରିବା କଥା। କିନ୍ତୁ ଏ ପ୍ରସଙ୍ଗରେ ସରକାର ଏବେ ବି ନିରବ ରହିଛନ୍ତି।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007, Printed at Om printers,Mancheswar Industrial Estate, Bhubaneswar - 751010

**Chief Editor: Sirdhartha Roy**

ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**

ସମ୍ପାଦିକା: ମୋନାଲିସା ଦାସ